ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 31 | 04 - 10 August 2024 | Sambalpur | Pages- 8 | Invitation Price Rs.10

# ସମ୍ବଲପୁରରେ ଧୁମ୍‌ଧାମ୍‌ରେ ପାଳିତ ହେଲା 'ସମ୍ବଲପୁରୀ ଦିନ୍'





ସମ୍ବଲପୁର : ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ ବିଶିଷ୍ଟ ସମ୍ବଲପୁରୀ କବି ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ତାରିଖକୁ ଏଠାରେ 'ସମ୍ବଲପୁରୀ ଦିନ୍' ରୂପେ ଧୁମଧାମ୍‌ରେ ପାଳନ କରାଯାଇଛି । ଏହି ଅବସରରେ ଉଭୟ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଏବଂ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ଉତ୍ସବ ପାଇଁ ସାରା ସମ୍ବଲପୁର ସମ୍ବଲପୁରୀ ମୟ ହୋଇ ଉଠିଥିଲା । ପୋଷାକ ପରିପାଟୀରୁ ଆରମ୍ଭ କରି ଖାଇବା ପିଇବା, ନାଚ ଗୀତ ସବୁ କିଛି ଖାଣ୍ଟି ସମ୍ବଲପୁରୀରେ ଛାଇ ହୋଇ ଯାଇଥିଲା । ଏହି ଅବସରରେ ସମ୍ବଲପୁରୀ ସାଧକ ଶିବଶଙ୍କର ପୂଜାରୀଙ୍କୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା ।




ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ କଚେରୀ ରୋଡ଼ ପାଖରେ ଆୟୋଜିତ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପୂର୍ବରୁ ସେ ଗୁରୁ ସତ୍ୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ ।

ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍.ପି ମୁକେଶ ଭାମୁ, ମହାନଗର କମିଶନର ବେଦଭୂଷଣ, ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ମହଦେଓ ପ୍ରସାଦ ଜୟସ୍ୱାଲ ପ୍ରମୁଖ ଯୋଗ ଦେଇଥିଲେ । କଳାହାଣ୍ଡିର କଳାକାର ମୂରଲୀଧର ମହାରଣାଙ୍କ ଦ୍ୱାରା କାଷ୍ଠ ନିର୍ମିତ ମୂର୍ତ୍ତିକୁ ଲୋକାର୍ପିତ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଆସନ୍ତା ବର୍ଷ ସମ୍ବଲପୁରୀ ଦିନ୍‌କୁ ସରକାରୀ କେଲେଣ୍ଡରରେ ସାମିଲ୍ କରିବାକୁ ଦାବି କରିଥିଲେ । ଶେଷରେ ଉପଦେଷ୍ଟା ନାଉରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଡକ୍ଟର ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବଲପୁରୀ କବିତା ପାଠୋତ୍ସବରେ ବିଶିଷ୍ଟ ଗାୟକ ଏବଂ ଗୀତିକାର ମୋତିଲାଲ ଦୋରା, ବବଲୁ ବାଗ, ଅମିନ କୁମାର ପାଢ଼ୀ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ର ୪୬ ଜଣ ନିମନ୍ତ୍ରିତ କବି କବୟିତ୍ରୀ ସାମିଲ ହୋଇ ସମ୍ବଲପୁରୀ କବିତା ପାଠ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ସେହିପରି ଗଙ୍ଗାଧର ମଣ୍ଡପରେ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସଭାପତି ସମୀର ରଞ୍ଜନ ବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ସମ୍ବଲପୁରୀ ଦିନ୍' ଉତ୍ସବକୁ ମନ୍ତ୍ରୀ ରବିନାରାୟଣ ନାଏକ ଉଦ୍‌ଘାଟନ କରିଥିଲେ । ଏହାଛଡ଼ା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ପାଲଟିଥିଲେ ଜାତୀୟସ୍ତରର ରିଅଲିଟି ସୋରେ ଚମକାଇ ଦେଇଥିବା କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା । ରଙ୍ଗବତୀ, ହାଏକୃଷ୍ଣ ହାଏକୃଷ୍ଣ ବୋଲି ଯାଉ ମୋର ଜୀବନ ଏବଂ ଫୁଙ୍କିଦିଆ ମଇରା ଦାଦା ରେ... ଆଦି ଗୀତ ଗାଇ ଦର୍ଶକ ମହଲରେ ଚହଲ ସୃଷ୍ଟି କରିଥିଲେ । ବର୍ତ୍ତମାନ ସୋସିଆଲ ମିଡିଆରେ ସେନସେସନ୍ ପାଲଟିଥିବା ବର୍ଣ୍ଣାଳୀଙ୍କ ପାଇଁ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା ।

ସେହିପରି ଅପରାହ୍ନ ପ୍ରାୟ ୪ଟାରୁ ରାତି ୧୦ଟା ଯାଏ ହମିଦ ରେହେମାନ, ରାଜକୁମାର ଜାଲ, ଅର୍ପିତା ମିଶ୍ର, ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଶ୍ରୀୟା ମହାରଣା, ଅଶ୍ଳେଷା ମିଶ୍ର, ଇଶ୍ୱରୀ ବେହେରା, ମନସ୍ୱିନୀ ପ;ନାୟକ, ପ୍ରିୟଦର୍ଶିନୀ ନାଥ ପ୍ରମୁଖ ଚିତାକର୍ଷକ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ । ସେହିପରି ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଖାଣ୍ଟି ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ମଞ୍ଚ ଦୁଲୁକାଇ ଦେଇଥିଲେ । ଏହି ଅବସରରେ ବର୍ଣ୍ଣାଳୀ ହୋତା, ସଂଗୀତଜ୍ଞ ତଥା ନାଟ୍ୟକାର ବ୍ରଜେନ୍ଦ୍ର ନାୟକ ଏବଂ କଣ୍ଠଶିଳ୍ପୀ ତଥା ସଂସ୍କୃତି ଗବେଷକ ଡକ୍ଟର ତୁଳାରାମ କଲେତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଂପାଦକ ସୂର୍ଯ୍ୟ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡାକ୍ତର ସଞ୍ଜୀବ ମିଶ୍ର, ମୋହନ ଦାସ, କମଳ ଲୋଚନ ପଣ୍ଡା, ଅରୁଣ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ମୋଦି ପୁଣି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ହୋଇଛନ୍ତି । ମର୍ଣ୍ଣିଂ କନସଲ୍ଟ ନାମକ ଏକ ବୈଶ୍ୱିକ ବିଚାର ବୁଦ୍ଧିମତ୍ତା ସଂସ୍ଥା ବିଶ୍ୱର ୨୫ ଟି ଦେଶର ନେତାଙ୍କ ଲୋକପ୍ରିୟତାକୁ ନେଇ ଏକ ସଦ୍ୟତମ ତାଲିକା ଜାରି କରିଛି । ଯେଉଁଥିରେ ୬୯ ପ୍ରତିଶତ ଆପ୍ରୁଭାଲ ରେଟିଂ ସହ ମୋଦି ତାଲିକାର ଶୀର୍ଷରେ ରହିଛନ୍ତି । ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଆହ୍ୱାନର ସଫଳତାର ସହ ମୁକାବିଲା କରି ମୋଦି ବିଶ୍ୱବାସୀଙ୍କ ନିକଟରେ ଜଣେ ଦୃଢ଼ ନେତା ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଏଥିସହ ସେ ଭାରତକୁ ମଧ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିଛନ୍ତି । ଅବଶ୍ୟ ଗତଥର ଅପେକ୍ଷା ଚଳିତଥର ମୋଦିଙ୍କ ଆପ୍ରୁଭାଲ ରେଟିଂ ସାମାନ୍ୟ ହ୍ରାସ ପାଇଛି । ତଥାପି ସେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି ।

## ଏ ସଂଖ୍ୟାରେ..


ଭିଟାମିନ୍‌ରେ ଭରପୂର ଫୁଲକୋବି

ସ୍ୱାସ୍ଥ୍ୟବର୍ଦ୍ଧକ ସପୁରୀ ରସ

ଦୃଷ୍ଟିଶକ୍ତି ପ୍ରଖର କରେ ମର୍ନିଂ ୱାକ୍

ଔଷଧୀୟ ପଣସ ମଞ୍ଜି

ହଳଦିର ହଜାରେ ଗୁଣ

ମେଥି ଶାଗର ଉପକାରିତା

## ହୀରାକୁଦରେ ସମ୍ବଲପୁରୀ ଦିନ୍ ପାଳିତ

ସମ୍ବଲପୁର : ହୀରାକୁଦ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ସୁବାଷ ପଡିଆରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଛି । ଏହି ଅବସରରେ ହିଣ୍ଡାଲକୋ ମୁଖ୍ୟ ଦେବାଶିଷ ମଲ୍ଲିକ ମୁଖ୍ୟଅତିଥି ଓ ବିଶ୍ୱାସ ସିନ୍ଧେ, ଶିବ ମିଶ୍ର, ପ୍ରତାପ ସାହୁ, ପ୍ରାଞ୍ଜଳ ପାଠକ, ସତ୍ୟପ୍ରକାଶ ଦାସ, ସମୀର ମହାନ୍ତି, ସୁକାନ୍ତ ମହାପାତ୍ର, ଜିତେଶ ରଥ, ଆନନ୍ଦ ଚକ୍ରବର୍ତ୍ତୀ ଓ ଓପିଟିସି ଏଲ୍‌ର ଆର.କେ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବରେ ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ ଯୋଗ ଦେଇ ସମ୍ବଲପୁରୀ ଗୀତ ଓ ବାଦ୍ୟର ତାଳେ ତାଳେ ସମସ୍ତଙ୍କୁ ଝୁମେଇ ଥିଲେ । ସକାଳୁ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ପୂଜା ଅର୍ଚ୍ଚନା ପରେ ପଡ଼ିଆରେ ପ୍ରସ୍ତୁତି ମଞ୍ଚ ପୂଜା କରାଯାଇଥିଲା ।



ଅପରାହ୍ନରୁ ସ୍ଥାନୀୟ କଳାକାର ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ହୀରାକୁଦର ବିନାୟକ ଡେନ୍ସ ଏକାଡେମୀ, ମାଁ କରମ୍ ସାନି କଳା ପରିଷଦ, ଜିଗ୍‌ଜାଗ କ୍ଲବ, ଥ୍ରିମ୍ କ୍ରିୟେସନ୍, ନୃତ୍ୟ ପରିବେଷଣ କରିଥିଲେ । ରିଙ୍କି ସାହୁ, ଭବାନୀ ନାଗ, ଅଭିଷେକ ଗୌଡ଼, ଶ୍ରୀମନ୍ତ ବେହେରା, ସୋନୁ ମହାନା, ସୁମି ମାହାନା, ରୋହିତ ତାଣ୍ଡି, ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ ଓ ବୀରେନ୍ଦ୍ର ନାରାୟଣ ଜେନା ଷ୍ଟେଣ୍ଡ ଅପ୍ କମେଡି ପରିବେଷଣ କରିଥିଲେ । ଏହି ଅବସରରେ ବିଭିନ୍ନ ଷ୍ଟଲରେ ଆରିସା ପିଠା, ଚାଉଳ ବରା, ଆମିଲ, ମୁଢ଼ି ମାଂସର ବ୍ୟବସ୍ଥା ମହୋତ୍ସବ କମିଟି ପକ୍ଷରୁ କରାଯାଇଥିଲା । କମିଟିର ଉପସଭାପତି ସଚୀକାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ । ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା ସ୍ୱାଗତ ଜଣାଇ ଥିଲେ । ସାଂସ୍କୃତିକ ସଂଯୋଜକ ସଞ୍ଜୀବ ପଣ୍ଡା କାର୍ଯକ୍ରମ ସଂଯୋଜନା କରିଥିଲେ । କୈଳାଶ ଦାସ, ସରୋଜ ଆଚାର୍ଯ୍ୟ, ସୁଶିଲ ବାରିକ, ଅନୁପ ମହନ୍ତ, ଘନ ବାର୍ତ୍ତିଆ, ସୀମା ସାହୁ, ପ୍ରଦୀପ ଦାସ, ଭାସ୍କର ଦାସ, ଯୋଗିନ୍ଦ୍ର ପ୍ରଧାନ, ଟୁଟୁ ହୋତା, ଶ୍ରୀମନ୍ତ ବେହେରା ଉପସ୍ଥିତ ଥିଲେ । ଶେଷରେ ସାଂଗଠନିକ ସମ୍ପାଦକ ପ୍ରଦୀପ ପଣ୍ଡା ଧନ୍ୟବାଦ୍ ଦେଇଥିଲେ ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ସମ୍ବଲପୁରୀ ଦିନ୍ ପାଳିତ

ସମ୍ବଲପୁର : ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧକ୍ଷ ଡକ୍ଟର ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି । ଅଧାପକ ଶ୍ରୀ ବୀରସେନ ଦଳାଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସର୍ବପ୍ରଥମେ ଶ୍ରୀ ଭୋଇ ସମ୍ବଲପୁରୀ ଦିବସ ପାଳନର ମହତ୍ତ୍ୱ ଏବଂ ସମ୍ବଲପୁରୀ ଭାଷାର ଲୋକପ୍ରିୟତା ଉପରେ ଆଲୋକପାତ କରିଥିଲେ । ଇତିହାସ ବିଭାଗମୁଖ୍ୟ ପ୍ରଫେସର ଦୁଲ୍ଲଭ କୁମାର ସା ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ଗୁରୁ ସତ୍ୟନାରାୟଣ ବହିଦାର ତଥା ସମ୍ବଲପୁର ମାଟିର ଅନ୍ୟାନ୍ୟ ବରପୁତ୍ର ମାନଙ୍କ ବୀରଗାଥା ତଥା କୃତି ଓ କୃତିତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ । ଡକ୍ଟର ରଘୁମଣି ନାଏକ ସମ୍ବଲପୁରୀ ସଙ୍ଗୀତର ମାଧୁର୍ଯ୍ୟ ଏବଂ ଏହାର ଅତୀତ ଓ ବର୍ତ୍ତମାନ ବିଷୟରେ ନିଜର ମତବ୍ୟକ୍ତ କରିଥିଲେ । ଅଧାପକ ହରିହର ମଲ୍ଲିକ ସମ୍ବଲପୁରୀ ଦିନ୍ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅଧାପକ ସତ୍ୟ ପ୍ରକାଶ ଟୁଡୁ ସମ୍ବଲପୁରୀ ଅସ୍ମିତା ସମ୍ପର୍କରେ ଆପଣାର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅଧାପିକା ଶ୍ରଦ୍ଧାଞ୍ଜଳି ଦାଶ ଏବଂ ଅଧାପିକା ମିଲି ସାହୁ ମଧ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ପରିଶେଷରେ ସହକାରୀ ପ୍ରଫେସର ରୋଜାଲୀ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଅତ୍ୟନ୍ତ ଉତ୍ସାହର ସହିତ ସମ୍ବଲପୁରୀ ପୋଷାକ ପରିଧାନପୂର୍ବକ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ ।

## ସମ୍ବଲପୁରରେ ଫାଇଲେରିଆ ର ସାମୂହିକ ଔଷଧ ସେବନ ନିମନ୍ତେ ନଗର ସ୍ତରୀୟ ସମନ୍ୱୟ ବୈଠକ

ସମ୍ବଲପୁର : ନଗର ସ୍ୱାସ୍ଥ୍ୟ ସମିତି ସହରାଂଚଳ ସ୍ୱାସ୍ଥ୍ୟ ମିଶନ ସମ୍ବଲପୁର ତରଫରୁ ଫାଇଲେରିଆ ସାମୂହିକ ଔଷଧ ସେବନ ଉପରେ ନଗର ସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମର କମିଶନର ବେଦଭୂଷଣଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଡାକ୍ତର ପ୍ରଦୀପ କୁମାର ହୋତା (ଏ.ଡି.ୟୁ.ପି.ଏଚ.ଓ), ଡାକ୍ତର ମହେନ୍ଦ୍ର ନନ୍ଦ (ନଗର ସ୍ୱାସ୍ଥ୍ୟ ଅଧିକାରୀ ) ଡାକ୍ତର ମୌସୁମୀ ମିଶ୍ର (ଡ଼ି.ପି.ଏମ ) ଡା ଶ୍ୟାମବନ୍ଧୁ ରଥ (ଡବ୍ଲୁଏଚଓ) ଉପସ୍ଥିତ ରହି ସମ୍ବଲପୁର ସହରାଞ୍ଚଳରେ ଶତ ପ୍ରତିଶତ ଫାଇଲେରିଆ ଔଷଧ ସେବନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ

ସମ୍ବଲପୁର: ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ/ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଭାରପ୍ରାପ୍ତ ଅଧକ୍ଷ ଡକ୍ଟର ଶ୍ୟାମ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା । ଶ୍ରୀ ଭୋଇ ନିଜର ବକ୍ତବ୍ୟରେ ଛାତ୍ର ଜୀବନରେ ଅନୁଶାସନ ଓ କର୍ତ୍ତବ୍ୟ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ । ସ୍ନାତକୋତ୍ତର ଇତିହାସ ବିଭାଗର ମୁଖ୍ୟ ଶ୍ରୀ ଦୁଲ୍ଲଭ କୁମାର ସା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ଏବଂ ଶୃଙ୍ଖଳିତ ଆଚରଣ' ଉପରେ ଆଲୋକପାତ କରିଥିଲେ । ଇଂରାଜୀ ବିଭାଗମୁଖ୍ୟ ସହକାରୀ ପ୍ରଫେସର ହରିହର ମଲ୍ଲିକ ଏବଂ ଡକ୍ଟର ରଘୁମଣି ନାୟକ ଶିକ୍ଷାର ମୂଳଲକ୍ଷ୍ୟ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଅଧାପିକା ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ଦାଶ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟ ଖସଡ଼ା ବିଷୟରେ ଅବଗତ କରାଇ ଥିବା ବେଳେ ଅଧାପକ ସତ୍ୟପ୍ରକାଶ ଟୁଡୁ ପରୀକ୍ଷା ସମ୍ବନ୍ଧିତ ଟିପ୍ପଣୀ ପ୍ରଦାନ କରିଥିଲେ । ଅଧାପିକା ସୁଶ୍ରୀ ମିଲି ସାହୁ ଏନଏସଏସରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ସମ୍ପର୍କରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧାପକ ଶ୍ରୀ ବୀରସେନ ଦଳାଇ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧାପକ ଅଧାପିକା ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଶେଷରେ ସହକାରୀ ପ୍ରଫେସର ରୋଜାଲୀ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## କଟାପାଲି ଓଭରବ୍ରିଜରେ ଆଲୋକୀକରଣ

ଝାରସୁଗୁଡ଼ା: ଏଚ୍ କଟାପାଲି ଠାରେ ଥିବା ରେଳ ଓଭର ବ୍ରିଜରେ ରାସ୍ତା ଆଲୋକୀକରଣ ପ୍ରକଳ୍ପକୁ ବିଧାୟକ ଟଙ୍କଧର ତ୍ରିପାଠୀ ଉଦଘାଟନ କରିଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ଝାରସୁଗୁଡାର ସର୍ବାଙ୍ଗୀନ ବିକାଶ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ସ୍ଥାନୀୟ ନେତୃ ମଣ୍ଡଳୀ ଏହି ଅବସରରେ ଉପସ୍ଥିତ ଥିଲେ ।

## ଶ୍ରୀରାମଚରିତ ମାନସର ଅନାଲୋଚିତ ଦିଗ 'ତପସ୍ୱିନୀ'

ଡ.ସଙ୍ଗୀତା ନାଏକ ପୁରୋହିତ

'ଶ୍ରୀରାମଚରିତ ମାନସ' ସନ୍ଥ ତୁଳସୀ ଦାସଙ୍କର ଏକ ବହୁଚର୍ଚ୍ଚିତ ପୁରାଣ ଗ୍ରନ୍ଥ । ଭାରତୀୟ ମହାକାବ୍ୟିକ ରାମକଥା ପ୍ରବଚନ ଓ ପାରାୟଣ ଗତ ଏହାର ଭକ୍ତିମତ୍ତା ଅନସ୍ୱୀକାର୍ଯ୍ୟ । ସନ୍ଥ ତୁଳସୀଙ୍କୁ ବାଲ୍ମିକୀଙ୍କ ଦ୍ୱିତୀୟ ଅବତାର କୁହାଯାଏ । ସନ୍ଥ ତୁଳସୀଙ୍କର ଜୀବନୀରେ କୁହାଯାଇଛି ସଂବତ ୧୪୪୫, ସନ୍ ୧୪୯୭ ମସିହା ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଅରୁକ୍ତ ମୂଳ ନକ୍ଷତ୍ରରେ ତାଙ୍କର ଜନ୍ମ ହୋଇଥିଲା । ଆଉ ଗଙ୍ଗାଧର ମେହେରଙ୍କ ଜନ୍ମ ହୋଇଥିଲା ଶ୍ରାବଣ ପୂର୍ଣ୍ଣମୀ ତିଥିରେ । ସନ୍ଥ ତୁଳସୀ, ଗୁରୁ ଶ୍ରୀ ଅନନ୍ତାନନ୍ଦଙ୍କ ପ୍ରିୟ ଶିଷ୍ୟ ଶ୍ରୀ ନରହର୍ଯ୍ୟା ନନ୍ଦଙ୍କ ଠାରୁ ରାମମନ୍ତ୍ର ଦୀକ୍ଷା ପାଇଥିଲେ । ଆହୁରି ମଧ କିମ୍ବଦନ୍ତୀ ଅଛି ଯେ କୋଶଳ ଅଞ୍ଚଳରେ ଏକ ପ୍ରେତ ସହିତ ତାଙ୍କର ସାକ୍ଷାତ ହୋଇଥିଲା ଓ ସେ ତାଙ୍କୁ ହନୁମାନଙ୍କ ଠିକଣା ପ୍ରଦାନ ପୂର୍ବକ ରାମକଥା ପାଇଁ ପ୍ରେରିତ କରିଥିଲା । ଏଠି ଲକ୍ଷ୍ୟ କରିବାର ବିଷୟ ହେଲା କୋଶଳର ରାଜକୁମାରୀ କୌଶଲ୍ୟା ଥିଲେ ରାମଙ୍କ ଜନନୀ ଓ ସନ୍ଥ ତୁଳସୀ ଦାସଙ୍କ ସହିତ ପ୍ରେତର ସାକ୍ଷାତ ହୋଇଥିଲା କୌଶଲ୍ୟାଙ୍କ ଜନ୍ମ ଭୂମିରେ । ପରେ ପ୍ରେତ ପ୍ରଦତ୍ତ ଠିକଣାରେ ତୁଳସୀ ଦାସଙ୍କ କବି ମାନସ ଶ୍ରୀ ରାମଚନ୍ଦ୍ରଙ୍କ ଦର୍ଶନ ଅଭିଳାଷୀ ହୋଇଥିବା ସ୍ଥଳେ ଗଙ୍ଗାଧରଙ୍କ କବି ମାନସ ଗାଇଉଠିଛି -

"ବାଲିମିକି ଆଶ୍ରମକୁ ଧାଇଁ ଅଛି ମନ

କରିବାକୁ ନିର୍ବାସିତ ସୀତାଙ୍କୁ ଦର୍ଶନ ।"

କବିମାନଙ୍କର ଗୋଟିଏ ଶୈଳୀ ଥାଏ ଯାହାଦ୍ୱାରା ତାଙ୍କ ସୃଷ୍ଟି ପରିଚାଳିତ ହୁଏ । ଷ୍ଟାଇଲ ଯଦି way of writing ଅଥବା mode of expression ହୁଏ ତେବେ ଏହା ଦ୍ୱାରା ସ୍ରଷ୍ଟାର ବ୍ୟକ୍ତିଗତ ଆଦର୍ଶ ଓ ଭାଷା ବ୍ୟବହାରର କୌଶଳ ତାହାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ଏହା matter ଅପେକ୍ଷା manner କୁ ଓ content ଅପେକ୍ଷା expression କୁ ଗୁରୁତ୍ୱ ଦିଏ । ଏ ସମ୍ପର୍କରେ Jhon Lyons ଙ୍କ ଉକ୍ତି ହେଲା - "Those components of features of a literary composition which give to it individual stamp, making it as the work of a particular author and producing a certain effect upon the readers." ପୁଣି ବୁଫୋଁଙ୍କ ମତରେ - "Style is the man himself" . ଅନ୍ୟତମ ଲକ୍ଷଣ ହେଲା "It is a set of individual characteristic" ଶୈଳୀ ବିଷୟ ସାପେକ୍ଷିକ ହୋଇଥିବାରୁ ବିଷୟ ଚୟନ କ୍ଷେତ୍ରରେ ମଧ ସ୍ରଷ୍ଟାର ବ୍ୟକ୍ତିଗତ ଚରିତ୍ରର ପ୍ରଭାବ ପରିଲକ୍ଷିତ ହୁଏ । ଏ ଦୃଷ୍ଟିରୁ ମଧ ଗଙ୍ଗାଧର ସାହିତ୍ୟ ବିଚାର୍ଯ୍ୟ ।



ଗଙ୍ଗାଧରଙ୍କ ସାହିତ୍ୟ ସାଧନା ବେଳକୁ ସନ୍ଥ ତୁଳସୀ ଦାସଙ୍କ କୃତ ଶ୍ରୀରାମ ଚରିତମାନସ ଏକ ଲବ୍ଧ ପ୍ରତିଷ୍ଠିତ ଗ୍ରନ୍ଥ ହୋଇସାରିଥିଲେ ମଧ ଗଙ୍ଗାଧରଙ୍କ କାବ୍ୟମାନସ ବାଲ୍ମିକୀ ଆଶ୍ରମକୁ ଯାଇଛି ନିର୍ବାସିତ ସୀତାଙ୍କୁ ଦର୍ଶନ କରିବା ପାଇଁ । ଏ ବର୍ଣ୍ଣନା ଯେହେତୁ ଶ୍ରୀରାମଚରିତ ମାନସରେ ନାହିଁ, କବି ଗଙ୍ଗାଧରଙ୍କୁ ମନେ ହୋଇଛି, ଭକ୍ତି ସ୍ୱରୂପୀ ସୀତାଙ୍କର ତପସ୍ୱିନୀ ଜୀବନର ବର୍ଣ୍ଣନା ବିନା ଶ୍ରୀରାମ ଯାହାଙ୍କୁ ପରଂବ୍ରହ୍ମଙ୍କ ସ୍ୱରୂପ ବୋଲି ଗ୍ରହଣ କରାଯାଏ ସେ ଅସମ୍ପୂର୍ଣ୍ଣ । ତେଣୁ ସିଧା ସଳଖ ବାଲ୍ମିକୀ ଆଶ୍ରମକୁ କବି ମନ ଧାଇ ଯାଇଛି ଭକ୍ତି ସ୍ୱରୂପିଣୀ ସୀତାଙ୍କୁ ପାଛୋଟି ଆଣିବା ପାଇ । ମାତ୍ର ସନ୍ଥ ତୁଳସୀଙ୍କୁ ବାଲ୍ମିକୀଙ୍କ ଦ୍ୱିତୀୟ ଅବତାର କୁହାଯାଉଥିବା ସ୍ଥଳେ ତାଙ୍କ ଅସଂପୂର୍ଣ୍ଣ କଥାକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ଗଙ୍ଗାଧରଙ୍କୁ ଏଠି ସ୍ୱୀକୃତି ମିଳୁ ନାହିଁ କି ? ବାଲ୍ମିକୀଙ୍କ ସଂପର୍କରେ କିମ୍ବଦନ୍ତୀ ଅଛି ସେ ଦସ୍ୟୁ ରତ୍ନାକରରୁ ରୂପାନ୍ତର ହୋଇଥିଲେ ଓ ଆଦିକବି ଭାବେ ତାଙ୍କର ଆଦ୍ୟ କାବ୍ୟିକ ଝଙ୍କାର ହେଲା -

"ମା ନିଷାଦଂ ପ୍ରତିଷ୍ଠାଂ ତ୍ୱମଗମ ଶାଶ୍ୱତୀ ସମା

ଯତ୍ କୌଞ୍ଚ ମିଥୁନାତ୍ ଏକମବଧି କାମ ମୋହିତଂ ।"

ଏହାକୁ ଆଦ୍ୟଶ୍ଳୋକ କୁହାଗଲେ 'ଶ୍ଳୋକ' ସହିତ 'ଶୋକ'ର ସମ୍ବନ୍ଧ ଅତି ଘନିଷ୍ଠ ମନେ ହୁଏ । ତେଣୁ କରୁଣାରେ ଆର୍ଦ୍ର ନ ହେବା ଯାଏ ହୃଦୟରୁ କବିତ୍ୱ ଭାବ ଅସମ୍ଭବ । କବିର ଅନ୍ତଃ ସ୍ଥଳରେ କବିତ୍ୱର ସ୍ଫୁରଣ ପାଇଁ ଦୁଃଖ ଓ ବେଦନାବୋଧକୁ ପ୍ରେରଣାର ଉତ୍ସ ବୋଲି ଗଙ୍ଗାଧର ମଧ ସ୍ୱୀକାର କରିଛନ୍ତି ନିମ୍ନୋକ୍ତ ପଂକ୍ତିରେ -

'ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ'
ଜୀବନ ସର
ଜଞ୍ଜାଳ ଜଳଦ ଜଳେ ଆବିଳ
ଉଦର
ଶରଦ ସଦୃଶ ତତେ କରି
ଦରଶନ
ହୋଇ ଯାଇଅଛି ସେ ତ ସ୍ୱତଃ
ପରସନ୍ନ ।'

ଅନେକ ପଣ୍ଡିତଙ୍କ ମତରେ ସନ୍ଥ କବି ତୁଳସୀ ଦାସ "ଶ୍ରୀରାମ ଚରିତ ମାନସ" ରେ ସୀତା ବନବାସର ବର୍ଣ୍ଣନା କରିନାହାନ୍ତି । କାରଣ ସେ ବିୟୋଗାନ୍ତକ ପରିଣତିକୁ ଗ୍ରହଣ କରି ପାରିନଥିଲେ । ଏ ଦୃଷ୍ଟିରୁ ଗଙ୍ଗାଧରଙ୍କ "ତପସ୍ୱିନୀ" କାବ୍ୟର ମିଳନାନ୍ତକ ଅନ୍ତିମ ପଦଟି ଗଙ୍ଗାଧରୀୟ ଶୈଳୀକୁ ଆହୁରି ମହିମାମଣ୍ଡିତ କରିଛି । ସୀତା ବିସର୍ଜନ ଜନିତ ବିୟୋଗାନ୍ତକ ଅନ୍ତିମ କରୁଣ ପରିଣତିକୁ ଏଡ଼େଇ ଦେବାକୁ ଯାଇ ଅମୃତ ଓ ମଧୁ ସନ୍ଧାନୀ କବି ଦୃଷ୍ଟି ସୀତାଙ୍କୁ ମିଳନ ସୁଖରେ ବିଭୋର କରିଛି । କବିଙ୍କ ଭାଷାରେ -

"ଉଚ୍ଚାରିତ ହେଉଅଛି ଜୟ ସୀତାରାମ,

ଚାହିଁ ମୁଗ୍ଧ ହେଲେ ସତୀ ଲଳନା-ଲଲାମା ।"

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ମୁଖ୍ୟ କାର୍ଯ୍ୟାଳୟ, ସମ୍ବଲପୁର**
**ବିଭାଗୀୟ ମୁଖ୍ୟ (ଓଡ଼ିଆ),**
**କୁଲିତାପଡ଼ା,ମୋଦିପଡ଼ା**
**ସମ୍ବଲପୁର**

# ଶ୍ରାବଣରେ ଶିବଙ୍କ ଜଳାଭିଷେକ

**ସ**ମୁଦ୍ର ମନ୍ଥନ ଅବସରରେ ବାହାରୁ ଥିବା ଅମୃତ ପିଇବା ଫଳରେ ସମସ୍ତେ ଲାଳାୟିତ ଥିଲେ ଯେତେବେଳେ ବିଷ ବାହାରିଥିଲା ଭଗବାନ ଶିବ ଏହାକୁ ପାନ କରିଥିଲେ । ଶିବ ଯେତେବେଳେ ବିଷ ଗ୍ରହଣ କଲେ, ସେତେବେଳେ ଶ୍ରାବଣ ମାସ ହୋଇଥିଲା । ବିଷ ପିଇବା ପରେ ସମସ୍ତ ଦେବଦେବୀ ତାଙ୍କୁ ଶୀତଳ ପ୍ରଦାନ କରିବା ନେଇ ଚେଷ୍ଟା କରିଥିଲେ । କିନ୍ତୁ ଦେବଦେବ ମହାଦେବଙ୍କ ଶୀତଳ ମିଳି ନ ଥିଲା । ସେତେବେଳେ ମହାଦେବ ଚନ୍ଦ୍ରମାଙ୍କୁ ନିଜ ଶିର ଉପରେ ଧାରଣ କରିଥିଲେ ଓ ଶୀତଳ ଅନୁଭବ କରିଥିଲେ । ଏହି ଅବସରରେ ମେଘରାଜା ଇନ୍ଦ୍ର ଦେବ ମଧ ଖୁବ୍ ବର୍ଷା କରିଥିଲେ ଓ ଶିବ ଶଙ୍କରଙ୍କୁ ଖୁବ୍ ଶାନ୍ତି ମିଳିଥିଲା । ସେତେବେଳେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଶ୍ରାବଣ ମାସ ପାଳନ କରାଯାଇଥିଲା । ସେଥିପାଇଁ ଶ୍ରାବଣର ପ୍ରତି ସୋମବାର ଶିବଙ୍କୁ ଜଳ ଅର୍ପଣ କରି ତାଙ୍କୁ ପ୍ରସନ୍ନ କରାଯାଇଥାଏ । ଏହାପରେ ବେଲ ପତ୍ର, ଶମିପତ୍ର, କୁଶ ଓ ଦୂବ ଆଦିରେ ଶିବଙ୍କୁ ଅର୍ପଣ କରି ପ୍ରସନ୍ନ କରାଯିବା ସହିତ ଭାଙ୍ଗ ଓ ଦୁଦୁରା ଫୁଲ ଚଢ଼ା ଯାଇଥାଏ ।

ଏକଦା ସନତ କୁମାର ଦେବଦେବ ମହାଦେବ ଶ୍ରାବଣ ମାସ ପ୍ରିୟ ହେବାର କାରଣ ପଚାରିଥିଲେ । ଭୋଳାନାଥ କହିଛନ୍ତି କି ଯେଉଁ ସମୟର ଦେବୀ ସତୀ ନିଜର ପତି ଦକ୍ଷଙ୍କ ଯଜ୍ଞକୁଣ୍ଡରେ ନିଜର ଶରୀରକୁ ତ୍ୟାଗ କରିଥିଲେ । ଶରୀର ତ୍ୟାଗ କରିବା ପୂର୍ବରୁ ଦେବୀ ମହାଦେବଙ୍କୁ ପ୍ରତି ଜନ୍ମରେ ପତି ରୂପରେ ପାଇବା ପାଇଁ ପଣ କରିଥିଲେ । ରାଜା ହିମାଳୟ ଓ ରାଣୀ ମୈନାଙ୍କ କୋଳମଣ୍ଡନ କରିଥିଲେ ଦେବୀ ସତୀ ପୁନଃ ପାର୍ବତୀ ରୂପରେ ଜନ୍ମ ଗ୍ରହଣ କରି ଦେବୀ ପାର୍ବତୀ ଏହି ଜନ୍ମରେ ନିଜର ଯୁବାବସ୍ଥାରେ ଶ୍ରାବଣ ମାସରେ ନିର୍ଜଳା ଉପବାସ କରି କଠୋର ବ୍ରତ କରିଥିଲେ । ଦେବୀ ପାର୍ବତୀ ଭୋଳାନାଥଙ୍କୁ ପ୍ରସନ୍ନ କରିବା ପାଇଁ ବ୍ରତ କରିଥିଲେ । ଭୋଳାନାଥ ପାର୍ବତୀଙ୍କ ଭକ୍ତି ଓ ଏକାଗ୍ରତାରେ ପ୍ରସନ୍ନ ହୋଇଥିଲେ ଓ ଶ୍ରାବଣ ସୋମବାର ବ୍ରତ ରଖ ବୋଲି କହିଥିଲେ ।

କେବେ ଶ୍ରାବଣ ମାସରେ ୪ଟି ତ ପୁଣି କେତେବେଳେ ୫ଟି ସୋମବାର ପଡିଥାଏ । ମାନ୍ୟତା ରହିଛି କି ଯଦି କୌଣସି କୁମାରୀ ଯୁବତୀ ଯଦି ତାଙ୍କ ମନରେ କୌଣସି ଯୁବକଙ୍କୁ ନିଜର ପତି ରୂପରେ ଗ୍ରହଣ କରିବାକୁ ମନସ୍ଥ କରିଥାନ୍ତି । ତେବେ ଏଥିରେ ବାଧା ଉପୁଜୁଥାଏ, ତେବେ କୁମାରୀ ଯୁବତୀ ଜଣକ ଶ୍ରାବଣ ସୋମବାର ବ୍ରତ କରିବା ଫଳରେ ତାଙ୍କର ମନସ୍କାମନା ପୂର୍ଣ୍ଣ ହେବା ସହିତ ମନବାଞ୍ଛିତ ପତି ଲାଭ କରିଥାନ୍ତି ।

ଶ୍ରାବଣରେ ଶିବ ପୂଜା କରିବା ପାଇଁ ସକାଳୁ ସ୍ନାନାଦି କାର୍ଯ୍ୟ ସମ୍ପନ୍ନ କରି ଶିବ ଦର୍ଶନ କରିବା ବିଶେଷ ମହତ୍ତ୍ୱ ରହିଛି । ଏଠାରେ ଶିବ ପୂଜା ଉପରେ ପଞ୍ଚାମୃତ (କ୍ଷୀର, ଦହି, ମହୁ, ଘିଅ, ଗୁଡ) ଆଦି କରି ଶିବଙ୍କୁ ସ୍ନାନ କରାଯାଇଥାଏ । ଏହାପରେ ଜଳରେ ଶୁଦ୍ଧ ସ୍ନାନ କରାଯାଇଥାଏ । ପରେ ବସ୍ତ୍ର ଅର୍ପଣ କରାଯାଇଥାଏ । ପୁଣି ଚନ୍ଦନ, ଫୁଲ, ୧୦୮ ଚାଉଳ, ଦାନ, ପାନ ପତ୍ର, ଦୁଦୁରା ଫୁଲ, ଫଳ ଓ ନଡିଆ ଚଢ଼ା ଯାଇଥାଏ । ଶିବ ପୂଜାରେ କ୍ଷୀରର ବିଶେଷ ମହତ୍ତ୍ୱ ରହିଛି ।



ନର୍ମଦାରୁ ବାହାରି ଶିବଲିଙ୍ଗ ସ୍ୱୟଂ ପ୍ରତିଷ୍ଠିତ । ଏହାର ବର୍ଣ୍ଣନା ପୁରାଣରେ ମଧ ଦେଖିବାକୁ ମିଳିଥାଏ । ଏହାକୁ ପାରଦ ଶିବଲିଙ୍ଗ କୁହାଯାଇଥାଏ । ହରିଦ୍ୱାରରେ ପରଦେଶ୍ୱର ମହାଦେବ ମନ୍ଦିରରେ ଶିବଲିଙ୍ଗ ବିଷୟରେ ବହୁ ସଂହିତାରେ ବର୍ଣ୍ଣନା କରାଯାଇଛି । ପାରଦେଶ୍ୱର ଶିବଲିଙ୍ଗର ବିଶେଷ ବର୍ଣ୍ଣନା ମିଳିଥାଏ । ରାବଣଙ୍କୁ ରସ ସିଦ୍ଧ ଯୋଗୀ ମଧ ମାନିଥାନ୍ତି ଓ ଏହି ଶିବଲିଙ୍ଗ ପୂଜା କରି ରାବଣ ଲଙ୍କାକୁ ସ୍ୱର୍ଣ୍ଣ ଲଙ୍କାରେ ପରିଣତ କରିଥିଲା । ବ୍ରହ୍ମ ହତ୍ୟା ଓ ଗୋହତ୍ୟା ଭଳି ଜଘନ୍ୟ ଅପରାଧ ପାରଦ ଶିବଲିଙ୍ଗକୁ ଦର୍ଶନ ମାତ୍ରକେ ଦୂର ହୋଇଥାଏ । ଏହାର ସ୍ପର୍ଶ ମାତ୍ରକେ ମୋକ୍ଷ ପ୍ରାପ୍ତି ହୋଇଥାଏ । କୁହାଯାଏ କି ପାରଦ ଶିବଲିଙ୍ଗ ଶିବଙ୍କ ଅତି ପ୍ରିୟ । ଶାସ୍ତ୍ର ମୁତାବକ ପାରଦ ଶିବଲିଙ୍ଗ ସ୍ୱୟମ୍ଭୁ ପ୍ରତୀକ ମାନିଥାନ୍ତି । ଏହି ଶିବଲିଙ୍ଗ ଯେଉଁଠି ପୂଜା ପାଇଥାନ୍ତି ସେଠାରେ ସାକ୍ଷାତ୍, ମହାଦେବ ବାସ କରନ୍ତି । ପାରଦ ଶିବ ଲିଙ୍ଗର ପୂଜା କରିବା ଫଳରେ ଅଶ୍ୱମେଧ ଯଜ୍ଞର ବରାବର ମାନିଥାନ୍ତି । ପାରଦକୁ ରସାୟନଶାସ୍ତ୍ରରେ ରସରାଜ କୁହାଯାଇଥାଏ । ଧର୍ମଶାସ୍ତ୍ର ଅନୁସାରେ ପାରଦ ନିର୍ମିତ ଶିବଲିଙ୍ଗ ପୂଜା କରିବା ଫଳରେ ଅଟକି ରହିଥିବା କାମ ଠିକ୍ ହୋଇଥାଏ । ଏମିତି ଅକାଳ ମୃତ୍ୟୁ ମଧ ଟଳି ଯାଇଥାଏ ।

ମହାକାଳେଶ୍ୱର ମନ୍ଦିରର ଶିବଲିଙ୍ଗରେ ଲିଙ୍ଗକୁ ଅଭିଷେକ କରିବା ପାଇଁ ପଞ୍ଚାମୃତ ଘର୍ଷଣ କରାଯାଇଥାଏ । ଏହି ଶିବଲିଙ୍ଗରେ ଭକ୍ତମାନେ ପଞ୍ଚାମୃତ ଘର୍ଷଣ କରିବା ଫଳରେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ମାନ୍ୟତା ରହି ଆସିଛି । ଏଥିପାଇଁ ଭକ୍ତମାନେ ହଜାର ହଜାର ସଂଖ୍ୟାରେ ମହାକାଳେଶ୍ୱରଙ୍କୁ ଦର୍ଶନ କରିବା ସହିତ ପଞ୍ଚାମୃତ ଘର୍ଷଣ କରିବା ପାଇଁ ପ୍ରତିଦିନ ଶହ ଶହ ଲିଟର ପଞ୍ଚାମୃତ ପ୍ରଦାନ କରିଥାନ୍ତି ଯାହାକୁ ପୂଜକମାନେ ଶିବ ଲିଙ୍ଗରେ ଘର୍ଷଣ କରିଥାନ୍ତି । ବହୁ ଦିନରୁ ଏହି ପରମ୍ପରା ରହି ଆସୁଥିଲେ ହେଁ ମନ୍ଦିର ପ୍ରଶାସନ ଏହି ନିୟମକୁ ବନ୍ଦ କରି ପୂଜାରି ମାନେ ହାତରେ ପଞ୍ଚାମୃତ ଘର୍ଷଣ ନ କରି କେବଳ ପଞ୍ଚାମୃତ ଢ଼ାଳିବାର ନିୟମ ଲାଗୁ କରିଛନ୍ତି ।

ଅଭିଷେକ ମହତ୍ତ୍ୱ : ଶ୍ରାବଣରେ ଜଳାଅଭିଷେକର ମହତ୍ତ୍ୱ ରହିଛି । ଏହା ଶିବଙ୍କ ମାସ କୁହାଯାଏ । ଶିବଙ୍କୁ ଶୀତଳତା ପ୍ରଦାନ ପାଇଁ ଶ୍ରାବଣ ବାରିଧାରା ଢ଼ାଳି ଶିବଙ୍କୁ ପ୍ରକୃତିରାଣୀ ଅଭିଷେକ କରାଇଥାଏ । ଏଥି ସହିତ ଭକ୍ତଙ୍କ ମନସ୍କାମନା ପ୍ରାପ୍ତି ନିମନ୍ତେ ବୋଲବମ୍ ଭକ୍ତମାନେ ଜଳ ଲାଗି ତଥା ଜଳାଭିଷେକ କରିଥାନ୍ତି ।

ରୁଦ୍ରାଭିଷେକ : ଭଗବାନ ଶିବଙ୍କ ରୁଦ୍ର ଅବତାରଙ୍କୁ ହନୁମାନଙ୍କ ୧୧ତମ ଅବତାର ବୋଲି କହିଥାନ୍ତି । ତାଙ୍କୁ ପ୍ରସନ୍ନ କରିବା ପାଇଁ ରୁଦ୍ର ଅବତାର ଅଭିଷେକ ପୂର୍ଣ୍ଣ ବିଧି ବିଧାନ ସହିତ କହିଥାନ୍ତି । କୁହାଯାଏ କି ରୁଦ୍ରାଭିଷେକ ମାଧମରେ ସମସ୍ତ ଦେବୀ କୃପା ମିଳିଥାଏ । ଏହି ଅଭିଷେକର ବିଶେଷତଃ ଶିବରାତ୍ରୀ ସୋମବାର ଦିନ କରାଯାଇଥାଏ । ଅଭିଷେକ ପାଇଁ ଗାଈର କଞ୍ଚା କ୍ଷୀରରେ କରାଯାଇଥାଏ । ଏଥିରେ ପଞ୍ଚାମୃତ ମିଶାଇ ଶିବ ଲିଙ୍ଗ ଉପରେ ରୁଦ୍ରାଭିଷେକ କରାଯାଇଥାଏ ।

ହଳଦି ଅଭିଷେକ : ଏପରି କରିବା ଫଳରେ କାଳସର୍ପ ଯୋଗ, ଗୃହରେ କ୍ଲେଶ ଆଦି ଦୂର ହୋଇଥାଏ । ଏଥି ସହିତ ଦହିରେ ରୁଦ୍ରାଭିଷେକ କରିବା ଫଳରେ ଯାନବାହନ ସମସ୍ୟା ଦୂର ହୋଇଥାଏ । ଅଭିଷେକ କରିବା ଫଳରେ ମା’ ଲକ୍ଷ୍ମୀ ମଧ ପ୍ରସନ୍ନ ହେବା ସହିତ ଲକ୍ଷ୍ମୀ କୃପା ମିଳିଥାଏ ।

ଦୁଗ୍ଧ ଅଭିଷେକ କରିବା ଫଳରେ ପରିବାର କଳି, ମାନସିକ ପୀଡ଼ାରୁ ଶାନ୍ତି ମିଳିଥାଏ । ଘୃତ ଅଭିଷେକ କରିବା ଫଳରେ ବଂଶବୃଦ୍ଧି ହୋଇଥାଏ । ଅତର ଅଭିଷେକ କରିବା ଫଳରେ ଭୌତିକ ସୁଖ ପ୍ରାପ୍ତି ହୋଇଥାଏ ।

ଜଳାଧାରାରେ ଅଭିଷେକ କରିବା ଫଳରେ ମାନସିକ ଶାନ୍ତି ମିଳିଥାଏ । ମହୁ ଅଭିଷେକରେ ପରିବାରରରୁ ରୋଗମୁକ୍ତ ହୋଇ ଅଧିକ ପ୍ରିୟ ହୋଇଥାଏ । ଆଖୁ ରସରେ ଅଭିଷେକ କରିବା ଫଳରେ ଆର୍ଥିକ ସମୃଦ୍ଧି ଓ ପରିବାର ସୁଖଶାନ୍ତି ମିଳିଥାଏ ।

ଗଙ୍ଗାଜଳରେ ଅଭିଷେକ କରିବା ଫଳରେ ଚାରି ପୁରୁଷାର୍ଥ ପ୍ରାପ୍ତି କରିବା ସହିତ ମୋକ୍ଷ ପ୍ରାପ୍ତି ମିଳିଥାଏ । ଅଭିଷେକ ସମୟରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ଫଳରେ ଅଧିକ ଫଳପ୍ରାପ୍ତି ମିଳିଥାଏ । ସୋରିଷ ତେଲରେ ଅଭିଷେକ କରିବା ଫଳରେ ଶତ୍ରୁ ନାଶ ହୋଇଥାଏ । ଫୁଲ, ପତ୍ର ଚଢ଼ାଇବା ଫଳ : ବେଲପତ୍ର ଶିବଙ୍କର ସବୁଠାରୁ ପ୍ରିୟ ଏହାକୁ ଚଢ଼ାଇବା ଫଳରେ ଜନ୍ମଜନ୍ମାନ୍ତର ପାପରୁ ମୁକ୍ତି ମିଳିଥାଏ ।

କମଳା ଫୁଲ ଚଢ଼ାଇବା ଫଳରେ ଶାନ୍ତି ଓ ଧନ ପ୍ରାପ୍ତି ହୋଇଥାଏ । କୁଶ ଚଢ଼ାଇବା ଫଳରେ ମୁକ୍ତି ପ୍ରାପ୍ତ ହୋଇଥାଏ ।

ଦୁବ ଚଢ଼ାଇବା ଫଳରେ ବୃଦ୍ଧି ହୋଇଥାଏ । ଦୁଦୁରା ଫୁଲ ଅର୍ପଣ କରିବା ଫଳରେ ଆୟୁଷ ବୃଦ୍ଧି ହୋଇଥାଏ । କନିଅର ଫୁଲ ଚଢ଼ାଇବା ଫଳରେ ପରିବାର କଳହ ଓ ରୋଗ ଦୂର ହୋଇ ନିବୃତ୍ତି ମିଳିଥାଏ । ଶମିପତ୍ର ଚଢ଼ାଇବା ଫଳରେ ପାପ ନାଶ, ଶତ୍ରୁ ନାଶ ଭୂତ - ପ୍ରେମ ବାଧାରୁ ମୁକ୍ତି ମିଳିଥାଏ ।

# କଖାରୁ ଶାଗର ଉପକାରୀ ଗୁଣ

**ବା**ଡିବଗିଚାରେ ଏଠିସେଠି ଉଠିଥିବା କଖାରୁ ଗଛର ପତ୍ର ଏତେ ପୁଷ୍ଟିକର ଯେ, ବିଶ୍ୱାସ କରିହୁଏନା । ଏଥିରେ କୋଲେଷ୍ଟେରଲ ସ୍ତର ଖୁବ୍ କମ୍ । କ୍ୟାଲସିୟମ୍ ସହିତ ପ୍ରୋଟିନ୍, ଭିଟାମିନ୍ ଏ, ସି, ଥାୟାମିନ୍, ରାଇବୋଫ୍ଲେବିନ୍, ନିଆସିନ୍, ଲୌହ, ମାଗ୍ନେସିୟମ୍, ଫସଫରସ୍, ପଟାସିୟମ୍, କପର ଏବଂ ମାଙ୍ଗାନିଜ ଆଦିରେ ଭରପୁର କଖାରୁ ପତ୍ର । ୧ କପ୍ ବା ୩୯ ଗ୍ରାମ କଖାରୁ ପତ୍ରରୁ ୭ କ୍ୟାଲୋରୀ ମିଳିଥାଏ । କଖାରୁ ପତ୍ରରେ ହାଇପୋଲିପଡେମିକ୍ ପ୍ରଭାବ ଥିବାରୁ ଏହା ହାଇପର କୋଲେଷ୍ଟୋଲେମିଆ ବା ଉଚ୍ଚ କୋଲେଷ୍ଟେରଲ କମାଇବାରେ ସହାୟକ । ଏହା ମଧ ଟେଷ୍ଟିକୁଲାର କ୍ଷତ ପୂରଣ କରି ସ୍ପର୍ମାଟୋଜେନେସିସ୍ ଦ୍ୱାରା ପ୍ରଜନନ କ୍ଷମତା ବଢ଼ାଇଥାଏ ।

ସୁଗାର ହ୍ରାସକାରୀ ପ୍ରଭାବ ଥିବାରୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ ଖୁବ୍ ଭଲ । ଏଥି ସହିତ ଲିଭର ବା ଯକୃତକୁ ସୁରକ୍ଷା ଦିଏ । କଖାରୁ ପତ୍ରର ଆଣ୍ଟିବ୍ୟାକ୍ଟେରିଆଲ ପ୍ରଭାବ ରହିଛି । ଶରୀରରେ ରକ୍ତ ପରିମାଣ ତଥା ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ।



## ଆଜିର ଚିନ୍ତନ

**ଭୌ**ତିକ ଜଗତରେ ଦୟା ହିଁ ମନୁଷ୍ୟର ସର୍ବୋତ୍ତମ ଗୁଣ ଏବଂ ଦୟାର ଶ୍ରେଷ୍ଠ ଉଦାହରଣ ହେଉଛି ମାନବିକତା । ଦୟା ଜୀବନରେ ସୁଖ ଆଣିଥାଏ । ଗରିବ ଦୁଃଖି ଦରିଦ୍ର ଅସହାୟ ନିପୀଡିତ ଲୋକଙ୍କ ପ୍ରତି ଦୟା ଭାବନା ରହିବା ଶ୍ରେଷ୍ଠ ଗୁଣ । ଏହାର ଶ୍ରେଷ୍ଠ ଉଦାହରଣ ରାମଚରିତ ମାନସରେ ଦେଖିବାକୁ ମିଳେ । ଯେତେବେଳେ ଭଗବାନ ଶ୍ରୀରାମଚନ୍ଦ୍ର ବିଭୀଷଣଙ୍କୁ ଦୟା କରନ୍ତି । ଆଉ ଏକ କଥା ମଧ ବର୍ଣ୍ଣନା କରାଯାଇଛି-ମହାରାଜ ଯୁଧିଷ୍ଠିର ସମୟ ସମୟରେ ଋଷିମାନଙ୍କ ସହ ସତ୍ସଙ୍ଗ କରନ୍ତି । ଥରେ ସେ ମହର୍ଷି ମାର୍କଣ୍ଡେୟଙ୍କୁ ଭେଟିବାକୁ ଯାଇଥିଲେ । ସେଠାରେ ମହାମୁନି ପଚାରିଥିଲେ । ଜୀବନର ଶ୍ରେଷ୍ଠ ଧର୍ମ ଓ ଶ୍ରେଷ୍ଠ ଜ୍ଞାନ କ’ଣ ? ଯୁଧିଷ୍ଠିର ଉତ୍ତର ଦେଇଥିଲେ-ଦୟା ହିଁ ସବୁଠାରୁ ବଡ଼ ଧର୍ମ । କ୍ଷମା ହିଁ ସବୁଠାରୁ ବଡ ବଳ । ସତ୍ୟ ହେଉଛି ଶ୍ରେଷ୍ଠ ବ୍ରତ । ପରମାତ୍ମାଙ୍କ ତତ୍ତ୍ୱଜ୍ଞାନ ହେଉଛି ସର୍ବୋତ୍ତମ ଜ୍ଞାନ । ଯେଉଁ ବ୍ୟକ୍ତି ପରମାତ୍ମାଙ୍କୁ ସୁଖର ସ୍ରୋତ ବୋଲି ବିବେଚନା କରେ ଏବଂ ସତକର୍ମ କରେ, ସଦା ଭକ୍ତିରେ ନିୟୋଜିତ ରହେ ସେ କେବେ ଦୁଃଖୀ ଓ ନିରାଶ ହୁଏ ନାହିଁ । ଯାହାର ହୃଦୟରେ ଦୟା କରୁଣାର ଭାବନା,ସେ ହିଁ ସବୁଠାରୁ ବଡ଼ ଧାର୍ମିକ ଓ ଜ୍ଞାନୀ । ମାର୍କଣ୍ଡେୟ କହିଲେ, ‘ରାଜନ୍ !ସମସ୍ତ ଜୀବଙ୍କୁ ଭଗବାନଙ୍କର ସ୍ୱରୂପ ମାନି ସେମାନଙ୍କ ଉପରେ ଦୟା କର । ଲୋକମାନଙ୍କୁ ପାଳନ କରିବାରେ ତତ୍ପର ହୁଅନ୍ତୁ ଏବଂ ଧାର୍ମିକତା ଅଭ୍ୟାସ କରନ୍ତୁ । ଯଦି ଆପଣ କାହା ସହିତ ଅସଦାଚରଣ କରୁଛନ୍ତି, ତେବେ ତାଙ୍କୁ ନିଜର ନମ୍ର ଆଚରଣରେ ସନ୍ତୁଷ୍ଟ କରନ୍ତୁ । ଅହଂକାର ପତନର କାରଣ । ମନରେ ଅହଂକାର ଭାବନା ରହିବା ଉଚିତ୍ ନୁହେଁ । ନିଜକୁ ପ୍ରଭୁ ନ ଭାବି ସେବକ ଭାବିଲେ ଲୋକଙ୍କର କଲ୍ୟାଣ ହେବ । ଯିଏ ମନରେ ରାଗ, ଦ୍ୱେଷ, ହିଂସା, କପଟତା ନ ରଖି ସମସ୍ତଙ୍କର କଲ୍ୟାଣ କାମନା କରେ ସ୍ୱୟଂ ଭଗବାନ ଅବତାର ନେଇ ତାର ମଙ୍ଗଳ ସାଧନ କରନ୍ତି । ତେଣୁ ସମସ୍ତଙ୍କ ପ୍ରତି ଦୟା ମନୋଭାବ ରହିବା ଆବଶ୍ୟକ ।

# ସତରେ କଣ ଈଶ୍ୱର କପଟ କରନ୍ତି ?

**ରଚନା : ଡ଼ଃ ପ୍ରମୋଦ କୁମାର ପଣ୍ଡା**

**ଛୋଟ** କଥାକୁ ନେଇ ବଡ଼ ବିବାଦ ଉପୁଜିଲେ ‘ଝିମିଟି ଖେଳରୁ ମହାଭାରତ ଯୁଦ୍ଧ ‘ବୋଲି କୁହାଯାଏ । ଏକଥାଟି ଦ୍ୱାପର ଯୁଗର ମହାଭାରତ ଯୁଦ୍ଧରୁ ଉଦ୍ଭବ । ଅଚକ୍ଷୁସ୍ମାନ ହସ୍ତିନାପୁର ନରେଶ ଧୃତରାଷ୍ଟ୍ର ପୁତ୍ର ଦୁର୍ଯ୍ୟୋଧନଙ୍କୁ ପଞ୍ଚାଳ ନରେଶ ଦ୍ରୁପଦଙ୍କ ଚିରକୁମାରୀ ପୁତ୍ରୀ ଦ୍ରୌପଦୀ ‘ଅନ୍ଧର ପୁତ୍ର ଅନ୍ଧ ‘କହି ଅପମାନିତ କରିବା, ଗଙ୍ଗା ପୁତ୍ର ବ୍ରହ୍ମଚର୍ଯ୍ୟବ୍ରତୀ ପିତାମହ ଭୀଷ୍ମଙ୍କ ଉପସ୍ଥିତିରେ ରାଜସଭାରେ କୁଳବଧୂ ଦ୍ରୌପଦୀଙ୍କ ଚୀରହରଣ କରିବା ଏବଂ ଦ୍ୟୁତକ୍ରୀଡାରେ ଜ୍ୟେଷ୍ଠ ପାଣ୍ଡୁପୁତ୍ର ଯୁଧିଷ୍ଠିର ସବୁକିଛି ହରେଇବା ଉପରାନ୍ତେ ପାଣ୍ଡବଙ୍କ ପାଇଁ ଦେବକୀନନ୍ଦନ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନକୁ କେବଳ ମାତ୍ର ପାଞ୍ଚ ଖଣ୍ଡ ଗ୍ରାମ ମାଗିବାରୁ ‘ସୂଚ୍ୟଗ୍ର ମେଦିନୀ ଦେବିନାହିଁ ‘କହିବା ମହାଭାରତ ଯୁଦ୍ଧର ପ୍ରମୁଖ କାରଣ ବୋଲି ବିବେଚନା କରାଯାଏ । ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଅନୁଷ୍ଠିତ ଦୀର୍ଘ ଅଠର ଦିନିଆଁ ଯୁଦ୍ଧରେ ଶ୍ରୀକୃଷ୍ଣ ପାଣ୍ଡବଙ୍କୁ ସମର୍ଥନ କରିଥିଲେ । କୌରବଙ୍କ ପକ୍ଷରୁ ସପ୍ତରଥୀଙ୍କ ସହିତ ଆହୁରି ଅନେକ ବଳଶାଳୀ ଯୋଦ୍ଧା ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ତେବେ ଏତେ ଯୁଦ୍ଧନିପୁଣ ମହାରଥୀଙ୍କ ସହଯୋଗ ସତ୍ତ୍ୱେ କୌରବ ସେନାର ପରାଜୟ ହେଲା । ଅଧର୍ମାଚରଣ ଯୋଗୁଁ କୌରବସେନା ପରାଭବକୁ ପ୍ରାପ୍ତ ହେଲେ ବୋଲି କେତେକ ମତ ରଖୁଥିବା ବେଳେ ତାଙ୍କର ବିପକ୍ଷବାଦୀ ଶ୍ରୀକୃଷ୍ଣଙ୍କୁ ଏଥିପାଇଁ ଦାୟୀ କରନ୍ତି । ଶ୍ରୀକୃଷ୍ଣଙ୍କୁ ଛଳିଆ ଏବଂ କପଟୀର ଆଖ୍ୟା ଦିଅନ୍ତି । ସତରେ କଣ ଶ୍ରୀକୃଷ୍ଣ ଧର୍ମଯୁଦ୍ଧରେ ଛଳନା କରିଥିଲେ ? କପଟାଚରଣ ପୂର୍ବକ ପାଣ୍ଡବଙ୍କୁ ଯୁଦ୍ଧରେ ବିଜୟୀ କରେଇ ଥିଲେ । ସତରେ କଣ ସେ କପଟୀ ଓ ଛଳିଆ ଅଟନ୍ତି ।

ଶାନ୍ତନୁ ପିତାମହ ଭୀଷ୍ମଙ୍କୁ ଇଚ୍ଛାମୃତ୍ୟୁର ବରଦାନ ଦେଇଥିଲେ । ତାଙ୍କ ଇଚ୍ଛା ବିରୁଦ୍ଧରେ ମୃତ୍ୟୁ ତାଙ୍କୁ ସ୍ପର୍ଶ କରିପାରିବ ନାହିଁ । ନିଜ ମୃତ୍ୟୁର ତିଥି ଓ ସମୟ ନିର୍ଦ୍ଧାରଣ କରିବା କ୍ଷମତା ତାଙ୍କ ନିଜ ହାତରେ । ଯୁଦ୍ଧର ପ୍ରଥମ ଦଶଦିନ କୌରବ ସେନାର ସେନାପତି ଭାବେ ସେ ପାଣ୍ଡୁ ସେନାର ଅଭୁତପୂର୍ବ କ୍ଷତି ଘଟାଇଥିଲେ । ତାଙ୍କର ମନୋବଳକୁ ଚୁରମାର କରିଥିଲେ । କିନ୍ତୁ ଶ୍ରୀକୃଷ୍ଣ ନପୁଂସକ ଶିଖଣ୍ଡୀକୁ ଅର୍ଜୁନଙ୍କ ଆଗରେ ରଖି ତାଙ୍କର ଅସ୍ତ୍ରତ୍ୟାଗର ମାର୍ଗ ପ୍ରଶସ୍ତ କରିଥିଲେ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

ସ୍ମୃତି ଜ୍ୟୋତି
ବର୍ଷ ୨୮, ସଂଖ୍ୟା - ୩୧, ୦୪ - ୧୦ ଅଗଷ୍ଟ ୨୦୨୪

# ସଙ୍କଟରେ ଜଳଭଣ୍ଡାର

**କୃ**ଷି ଓ ଭିତ୍ତିଭୂମି ବିକାଶ ପାଇଁ ଜଳ ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ ବୃହତ୍ ଡ୍ୟାମ୍ ଓ ଜଳଭଣ୍ଡାରଗୁଡ଼ିକ ଜଳ ବିଦ୍ୟୁତ୍, ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ପାନୀୟ ଜଳ ଯୋଗାଣ ଭଳି ବହୁମୁଖୀ ସେବା ଯୋଗାଇଥାଏ । କିନ୍ତୁ ବର୍ତ୍ତମାନ ଉଦ୍‌ବେଗର ବିଷୟ ହେଉଛି ବର୍ଷ ବର୍ଷ ଧରି ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା ଦ୍ରୁତଗତିରେ ହ୍ରାସ ପାଉଛି । କେବଳ ଭାରତରେ ନୁହେଁ, ବିଶ୍ୱର ପ୍ରାୟ ସବୁ ଦେଶର ସ୍ଥିତି ପ୍ରାୟତଃ ସମାନ ।

କ୍ରମଶଃ ପଙ୍କ ମାଟିର ପ୍ରବେଶ ହେତୁ ଜଳଭଣ୍ଡାରର ଜଳଧାରଣ କ୍ଷମତା ହ୍ରାସ ପାଏ ଏବଂ ପାଣିର ପରିମାଣ ଏକ ଜଳଭଣ୍ଡାରର ଆୟୁ ନିର୍ଣ୍ଣୟ କରେ । ସାମ୍ପ୍ରତିକ ସ୍ଥିତିରେ ଏହି ପଙ୍କ ମାଟିର କ୍ରମପ୍ରବେଶ ବୃଦ୍ଧି ପାଇ ବିଶ୍ୱର ପ୍ରାୟ ସମସ୍ତ ବୃହତ ଜଳଭଣ୍ଡାରର ମୂଳ ଜଳ ସଂରକ୍ଷଣ କ୍ଷମତାର ଆନୁମାନିକ ୧୩ ରୁ ୧୯ ପ୍ରତିଶତ ପର୍ଯ୍ୟନ୍ତ ସଂକୁଚିତ କରିଛି । ମିଳିତ ଜାତିସଂଘ ବିଶ୍ୱବିଦ୍ୟାଳୟର ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ (ୟୁଏନ୍-ଆଇଏନ୍‌ଡବ୍ଲ୍ୟୁଏଚ୍) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୫୦ଟି ଦେଶର ୪୭, ୪୦୩ ବୃହତି ନଦୀବନ୍ଧର ସାମଗ୍ରିକ ଭାବେ ୬, ୩୧, ୬୦୦ କୋଟି ଘନ ମିଟର (ବିସିଏମ୍) ମୂଳ ଜଳ ସଂରକ୍ଷଣ କ୍ଷମତା ୨୦୫୦ ସୁଦ୍ଧା ୪, ୬୬, ୫୦୦ କୋଟି ଘନ ମିଟରକୁ, ଅର୍ଥାତ୍ ୨୬ ପ୍ରତିଶତ ହ୍ରାସ ପାଇବ । ଏହି ଜଳଧାରଣ କ୍ଷମତା ହ୍ରାସର ପରିମାଣ ଭାରତ, ଚୀନ୍, ଇଣ୍ଡୋନେସିଆ, ଫ୍ରାନ୍ସ ଓ କାନାଡାର ମିଳିତ ବାର୍ଷିକ ଜଳ ବ୍ୟବହାର ପରିମାଣ ସହିତ ସମାନ । ଜଳଭଣ୍ଡାରର ଜଳ ସଂରକ୍ଷଣ କ୍ଷମତା ହରାଇବାରେ ଚୀନ୍ ବିଶ୍ୱର ସବୁଠାରୁ ଆଗରେ ରହିଛି । ଏ ପର୍ଯ୍ୟନ୍ତ ଏହି ଦେଶର ବିଭିନ୍ନ ଜଳଭଣ୍ଡାରର କ୍ଷମତା ୧୦ ପ୍ରତିଶତ ହ୍ରାସ ପାଇଥ ?ିବା ବେଳେ ୨୦୫୦ ସୁଦ୍ଧା ଆହୁରି ୧୦ ପ୍ରତିଶତ ହ୍ରାସ ପାଇବାର ଆଶଙ୍କା କରାଯାଇଛି ।

୧୯୯୯ ମସିହାରେ କରାଯାଇଥିବା ଏକ ସର୍ବେକ୍ଷଣର ତଥ୍ୟ ଅନୁସାରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ବୃହତ ଜଳାଶୟଗୁଡ଼ିକ ବିଶ୍ୱରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ । ଏଗୁଡ଼ିକର ବର୍ତ୍ତମାନର ଜଳଧାରଣ କ୍ଷମତା ପ୍ରାରମ୍ଭିକ ଅଟକଳର ପ୍ରାୟ ୧୩ ପ୍ରତିଶତ ହ୍ରାସ ଘଟିଥିବା ବେଳେ ୨୦୫୦ ବେଳକୁ ଏହା ପ୍ରାୟ ୨୩ ପ୍ରତିଶତ ହ୍ରାସ ପାଇଥବ ବୋଲି ଆଶଙ୍କା କରାଯାଉଛି । ଏହି ଅଞ୍ଚଳରେ ବିଶ୍ୱର ୬୦% ଲୋକ ବାସ କରନ୍ତି । ତେଣୁ ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ ଏବଂ ଖାଦ୍ୟ ନିରାପତ୍ତା ପାଇଁ ଆବଶ୍ୟକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ।

୨୦୧୫ରେ କେନ୍ଦ୍ରୀୟ ଜଳ ଆୟୋଗ ରିପୋର୍ଟ ଅନୁଯାୟୀ ଆମ ଦେଶରେ ୧୪୧ଟି ବୃହତ ଜଳଭଣ୍ଡାର ମଧ୍ୟରୁ ପ୍ରାୟ ଏକ-ଚତୁର୍ଥାଂଶ ୫୦ ବର୍ଷରୁ ଅଧିକ ପୁରୁଣା । ତେଣୁ ସେମାନଙ୍କର ପ୍ରାରମ୍ଭିକ ଜଳ ସଂରକ୍ଷଣ କ୍ଷମତା ୩୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । କେନ୍ଦ୍ରୀୟ ଜଳ ଆୟୋଗ ଦ୍ୱାରା ପ୍ରକାଶିତ ସର୍ବଶେଷ ତଥ୍ୟ ଅନୁଯାୟୀ, ଦକ୍ଷିଣ ଭାରତ(ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, କେରଳ ଓ ତାମିଲନାଡୁ)ର ଜଳଭଣ୍ଡାର ମାନଙ୍କରେ ଉପଲବ୍ଧ ଜଳଧାରଣ କ୍ଷମତା ସାମଗ୍ରିକ ଭାବରେ ୧୭%କୁ ଖସି ଆସିଛି । ଏହି ସ୍ଥିତି ସେହି ରାଜ୍ୟଗୁଡ଼ିକରେ ଜଳସେଚନ, ପାନୀୟ ଜଳ ଯୋଗାଣ ଏବଂ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି । ତୁଳନାତ୍ମକ ଭାବରେ ଆସାମ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ନେଇ ଭାରତର ପୂର୍ବାଞ୍ଚଳ ଜଳ ସଂରକ୍ଷଣରେ ଏକ ସକାରାତ୍ମକ ସ୍ଥିତି ରହିଛି । ଦେଶର ପୂର୍ବାଞ୍ଚଳରେ ୨୩ଟି ଜଳଭଣ୍ଡାରର କ୍ଷମତା ୨୦.୪୩୦ ବିସିଏମ୍ ଥିବା ବେଳେ ବର୍ତ୍ତମାନ ୭.୮୮୯ ବିସିଏମ୍ ଅଛି, ଯାହା ଏହାର ମୋଟ କ୍ଷମତାର ୩୯% । ଉଲ୍ଲେଖନୀୟ ହେଉଛି, ବର୍ତ୍ତମାନର ସ୍ଥିତି ପୂର୍ବବର୍ଷ ତୁଳନାରେ ଉନ୍ନତ । ସେହିଭଳି ଉତ୍ତର- ଭାରତ ଓ କେନ୍ଦ୍ରୀୟ-ଭାରତ ଅଞ୍ଚଳଗୁଡ଼ିକରେ ଥିବା ଜଳଭଣ୍ଡାରଗୁଡ଼ିକ ଐତିହାସିକ ଭାବେ ଜଳସ୍ତର ହ୍ରାସ ସ୍ଥିତିର ସମ୍ମୁଖୀନ ହେବାରେ ଲାଗିଛନ୍ତି ।

ଏକ ସଦ୍ୟତମ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ ଗତ ଛଅ ଦଶନ୍ଧି ମଧ୍ୟରେ ଭାରତର ସମସ୍ତ ଜଳଭଣ୍ଡାରର ଜୀବନ୍ତ ଜଳଧାରଣ କ୍ଷମତା ସାମଗ୍ରିକ ଭାବେ ୧, ୪୪୨, ୮୮ ନିୟୁତ ଘନ ମିଟର ହ୍ରାସ ପାଇଛି । ନ୍ୟାସନାଲ ହାଇଡ୍ରୋଲୋଜି ପ୍ରୋଜେକ୍ଟ ଅଧୀନରେ ୨୦୧୮-୨୦୨୦ ମଧ୍ୟରେ କାକିନାଡ଼ା ଠାରେ ଥିବା ରାଉରକେଲାର ଆଞ୍ଚଳିକ କେନ୍ଦ୍ର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହାଇଡ୍ରୋଲୋଜି କରାଯାଇଥିବା ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ଅନୁଯାୟୀ, ଦେଶର ଜଳଭଣ୍ଡାରଗୁଡ଼ିକର ଜଳଧାରଣ ଜୀବନ୍ତ କ୍ଷମତା ୧୯୫୬ ମସିହାରେ ୫, ୮୪୨.୮୮ ବିସିଏମ୍ ଥିବା ବେଳେ ୨୦୨୦ ରେ ୪, ୪୦୦ ବିସିଏମ୍ ହ୍ରାସ ପାଇଛି । ଅର୍ଥାତ ଜଳଭଣ୍ଡାରରେ ସମୁଦାୟ ୧, ୪୪୨ ମିଟର ସିଲ୍ ବା ପଙ୍କ ମାଟି ଜମା ହୋଇଛି । ଭାରତର ଦୀର୍ଘତମ ମାଟି ବନ୍ଧ ଡ୍ୟାମ୍ ହେଉଛି ହୀରାକୁଦ । ଏହା ଭାରତର ସର୍ବବୃହତ୍ ୫ଟି ଜଳଭଣ୍ଡାର ମଧ୍ୟରୁ ଅନ୍ୟତମ । ମହାନଦୀର ଉପରମୁଣ୍ଡରେ ଦ୍ରୁତ ଗତିରେ ମାଟି କ୍ଷୟ ହେତୁ ପଙ୍କ ମାଟି ପରିମାଣ ବୃଦ୍ଧି ପାଇଥାଏ । ବୈଜ୍ଞାନିକ ଡକ୍ଟର ଭି.ଏସ୍ ଜୟକାନ୍ତଙ୍କ ସୂଚନା ଅନୁଯାୟୀ ରିମୋଟ ସେନ୍ସିଂ ଟେକ୍ନୋଲୋଜି ବ୍ୟବହାର କରି ଏହି ଅଧ୍ୟୟନ କରାଯାଇଥିଲା, ଯାହା ଅଧିକ ବିଶ୍ୱାସଯୋଗ୍ୟ ।

ବର୍ଷ ବର୍ଷ ଧରି ଯେଭଳି ବଡ଼ ବଡ଼ ଜଳଭଣ୍ଡାରମାନ ନିର୍ମାଣ ହୋଇଚାଲିଛି, ସେଥ ?ିପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଯଥା ଜଙ୍ଗଲ ବୁଡ଼ି ଓ ଅପସାରଣ, ଜନବସତି ବିସ୍ଥାପନ, ତଳମୁଣ୍ଡରେ ନଦୀ ପ୍ରବାହ ହ୍ରାସ ଇତ୍ୟାଦି ।

ଯେତେବେଳେ ନଦୀବନ୍ଧ ଯୋଜନା ବା ଡ୍ୟାମ୍ ନିର୍ମାଣ ହୁଏ ସେତେବେଳେ ଡ୍ୟାମ୍‌ର ଉପର ମୁଣ୍ଡରେ ମୃତ୍ତିକା ସଂରକ୍ଷଣ ତଥା ଜଙ୍ଗଲ ସଂରକ୍ଷଣ ପ୍ରତି ଆବଶ୍ୟକ ଅନୁସାରେ ଧ୍ୟାନ ଦିଆଯାଉ ନ ଥିବାରୁ ଅନେକ ଜଙ୍ଗଲ ଅଞ୍ଚଳ ଅପସାରିତ ହୁଏ । ଜୈବବିବିଧତା ତଥା ସ୍ଥାନୀୟ ପରିସଂସ୍ଥା ପ୍ରଭାବିତ ହୁଏ । ନଦୀ ଜଳ ପ୍ରବାହ ବାଧାପ୍ରାପ୍ତ ହୁଏ । ବନ୍ୟପ୍ରାଣୀ ହନ୍ତସନ୍ତ ହୁଅନ୍ତି । ସ୍ଥାନୀୟ ବନବାସୀମାନଙ୍କ ଜୀବନ ଜୀବିକା ବିପନ୍ନ ହୁଏ । ବୃଷ୍ଟି ଜଳ ହ୍ରାସ, ଜଳାଶୟର ଜଳଧାରଣ କ୍ଷମତା ହ୍ରାସ ହେତୁ ଜଳସେଚନ ବାଧାପ୍ରାପ୍ତ ହୁଏ । ବୃହତ ଜଳଭଣ୍ଡାର ସ୍ୱଳ୍ପମିଆଦୀ ଲାଭ ଦେଇପାରେ, କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ପରିବେଶ ଓ ପରିସଂସ୍ଥା ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ । ଏତେ ସଂଖ୍ୟକ ଜଳଭଣ୍ଡାର ନିର୍ମାଣ ସତ୍ତ୍ୱେ ଭାରତରେ କୃଷି କ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ । ବୃହତ ଜଳ ଭଣ୍ଡାର ଉପରେ ଅତ୍ୟନ୍ତ ନିର୍ଭରଶୀଳ ହେବା ଅପେକ୍ଷା ଛୋଟ ଛୋଟ ଜଳାଶୟ ବୃଷ୍ଟି ଜଳ ସଂରକ୍ଷଣ, ଉଠା ଜଳସେଚନ ପ୍ରତି ଅଧିକ ଦୃଷ୍ଟି ଓ ଗୁରୁତ୍ୱ ଦେଲେ ଦୀର୍ଘମିଆଦୀ ଲାଭ ମିଳିବ ଏବଂ ଜଳବଣ୍ଟନ ସମସ୍ୟା ରହିବ ନାହିଁ ।



# ନିଷ୍କ୍ରିୟ ପ୍ରତିରୋଧ

## ମହାତ୍ମା ଗାନ୍ଧୀ

**ନି**ଷ୍କ୍ରିୟ ପ୍ରତିରୋଧ ଏପରି ଗୋଟିଏ ଖଡ୍ଗ, ଯାହାର ଧାରା ସବୁଆଡ଼କୁ ରହିଛି । ଏହାକୁ ଯେକୌଣସି ପ୍ରକାରେ ବ୍ୟବହାର କରାଯାଇ ପାରିବ । ଯିଏ ସେହି ଖଡଗକୁ ବ୍ୟବହାର କରେ ଓ ଯାହା ବିରୋଧରେ ତାହା ବ୍ୟବହୃତ ହୁଏ, ଏହା ସେହି ଉଭୟ ପକ୍ଷର ହିଁ କଲ୍ୟାଣ ସାଧନ କରିଥାଏ । ଗୋଟିଏ ମାତ୍ର ବିନ୍ଦୁ ରକ୍ତପାତ ନ କରି ମଧ ଏହାଦ୍ୱାରା ସୁଦୂରପ୍ରସାରୀ କେତେ କେତେ ଫଳ ମିଳେ । ସେହି ଖଡଗରେ କେବେହେଲେ କଳଙ୍କି ଲାଗେ ନାହିଁ ଏବଂ ତାହାକୁ କେହି ଚୋରିକରି ନେଇପାରେ ନାହିଁ ।

ମୁଁ ସୁନିଶ୍ଚିତଭାବରେ କହିପାରିବି ଯେ, ନିଷ୍କ୍ରିୟ ପ୍ରତିରୋଧ ଦ୍ୱାରା ପଥରରୁ ଆହୁରି ପଥରର ହୃଦୟ ମଧ ବିଗଳିତ ହୋଇଯାଇ ପାରିବ । ଏହା ଏକ ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ଅଧିକ ଫଳପ୍ରଦ ପ୍ରତିକାର । ଏହା ଏକ ବିଶୁଦ୍ଧତମ ପ୍ରକାରର ଅସ୍ତ୍ର । ଏହା ଆଦୌ ଜଣେ ଦୁର୍ବଳର ଅସ୍ତ୍ର ନୁହେଁ । ଶାରୀରିକ ପ୍ରତିରୋଧ ତୁଳନାରେ ନିଷ୍କ୍ରିୟ ପ୍ରତିରୋଧ କ୍ଷେତ୍ରରେ ଅନେକ ଅଧିକ ପରିମାଣର ସାହସ ରହିଥିବା ଦରକାର ।

ସେହି ସାହସ ଜଣେ ଯୀଶୁ, ଜଣେ ଡାନିଏଲ୍, ଜଣେ କ୍ରାମର, ଜଣେ ଲାଟିମର ଓ ଜଣେ ରିଡ୍‌ଲେଙ୍କର ସାହସ, ଯେଉଁମାନେ କି ସ୍ଥିରଭାବରେ କଷ୍ଟ ଏବଂ ମୃତ୍ୟୁକୁ ବରଣ କରି ନେଇଥିଲେ । ଜଣେ ଟଲଷ୍ଟୟଙ୍କର ସାହସ ଯିଏକି ରୁଷିଆର ଜାରମାନଙ୍କର ଆଦେଶକୁ ମଧ ଅସ୍ୱୀକାର କରି ପାରିଥିଲେ- ସେହି ସାହସ ବୃହତ୍ତମ ସାହସରୂପେ ପ୍ରତିଷ୍ଠିତ ହୋଇ ରହିଛି ।

ବସ୍ତୁତଃ, ଜଣେ ମାତ୍ର ପୂର୍ଣ୍ଣ ସମର୍ଥ ପ୍ରତିରୋଧକାରୀ ଅନ୍ୟାୟର ବିରୋଧରେ ନ୍ୟାୟର ଯୁଦ୍ଧକୁ ଜୟ କରିବା ଲାଗି ଅବଶ୍ୟ ଯଥେଷ୍ଟ ହୋଇଯିବ ।

ମୁଁ ଦାବି କରି କହିବି ଯେ, ନିଷ୍କ୍ରିୟ ପ୍ରତିରୋଧର ପ୍ରଣାଳୀ ହେଉଛି ସବୁଠାରୁ ଅଧିକ ସ୍ପଷ୍ଟ ଏବଂ ସବୁଠାରୁ ଅଧିକ ନିରାପଦ, କାରଣ, ଯଦି ଲକ୍ଷ୍ୟଟି ଉଚିତ ହୋଇ ନ ଥିବ, ତେବେ ତଦ୍ୱାରା ସେହି ପ୍ରତିରୋଧକାରୀମାନେ ଓ କେବଳ ସେହିମାନେ ହିଁ କଷ୍ଟ ଭୋଗ କରିବେ ।

ଯୀଶୁଖ୍ରୀଷ୍ଟ, ଡାନିଏଲ ଓ ସକ୍ରେଟିସ୍ ଏମାନେ ନିଷ୍କ୍ରିୟ ପ୍ରତିରୋଧ ଅର୍ଥାତ୍ ଆତ୍ମଶକ୍ତିର ବିଶୁଦ୍ଧତମ ପ୍ରକାରଟିର ପ୍ରତିନିଧିତ୍ୱ କରିଥିଲେ । ଏହି ଶିକ୍ଷାଦାତାମାନେ ସେମାନଙ୍କର ଆତ୍ମା ତୁଳନାରେ ସେମାନଙ୍କର ଶରୀରକୁ ମୂଲ୍ୟହୀନ ବୋଲି ମଣୁଥିଲେ ।

ଟଲଷ୍ଟୟ ଏହି ମାର୍ଗର ଉଜ୍ଜ୍ୱଳତମ ଆଧୁନିକ ପ୍ରବର୍ତ୍ତକରୂପେ ଏକ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ସିଏ ଯେ ସେହି ମାର୍ଗଟିର ପ୍ରଚାର ଓ ବ୍ୟାଖ୍ୟା କରିଥିଲେ ତା' ନୁହେଁ, ସେ ସେହି ଅନୁସାରେ ନିଜ ଜୀବନକୁ ମଧ ବଞ୍ଚୁଥିଲେ । ଇଉରୋପର ଚଳଣି ଭିତରକୁ ଆସିବାର ବହୁ ପୂର୍ବରୁ ଭାରତ ବର୍ଷରେ ସମସ୍ତେ ସେହି ପ୍ରଣାଳୀଟିକୁ ବୁଝିଥିଲେ ଏବଂ ଅଭ୍ୟାସ ମଧ କରୁଥିଲେ ।

ଆତ୍ମାର ଶକ୍ତି ଯେ ଦେହର ଶକ୍ତିଠାରୁ ଅନନ୍ତ ଗୁଣରେ ଅଧିକ ଉଚ୍ଚ ସ୍ତରରେ ଏହି କଥାଟିକୁ ଅତି ସହଜରେ ଦେଖିହେବ । ଅନ୍ୟାୟର ପ୍ରତିକାର ନିମନ୍ତେ ଯଦି ଲୋକେ ସେହି ଆତ୍ମଶକ୍ତିର ପ୍ରୟୋଗ କରିପାରିବେ, ତେବେ ବର୍ତ୍ତମାନ ସମୟର ଅନେକ ଦୁଃଖ ଭୋଗକୁ ଏଡ଼ାଇ ଦିଆଯାଇ ପାରିବ । ସେ କଥା ଯାହା ହୋଇଥାଉ ପଛକେ, ଏହି ଶକ୍ତିଟିକୁ ପ୍ରୟୋଗ କରିବା ଦ୍ୱାରା ଅନ୍ୟମାନଙ୍କୁ କୌଣସି କଷ୍ଟ ଭୋଗ କରିବାକୁ ପଡେ ନାହିଁ । ଏପରିକି, ଯେଉଁଠାରେ ତାହାର ଅସଦ୍‌ବ୍ୟବହାର ହୁଏ, ସେଠାରେ ତାହା ସେହି ଅପବ୍ୟବହାର କରୁଥିବା ଲୋକମାନଙ୍କର ହିଁ କ୍ଷତି କରେ, ଯାହା ବିରୋଧରେ ତାହାର ପ୍ରୟୋଗ କରା ଯାଉଥାଏ, ସେମାନଙ୍କର କୌଣସି କ୍ଷତି ହୁଏ ନାହିଁ । ପୁଣ୍ୟ ସଦୃଶ ତାହା ସ୍ୱୟଂ ହିଁ ଆପଣାର ପୁରସ୍କାରରୂପେ ପ୍ରାପ୍ତ ହୁଏ । ଏହି ପ୍ରକାରର ଶକ୍ତିକୁ ପ୍ରୟୋଗ କରିବାର କ୍ଷେତ୍ରରେ ବିଫଳତା ବୋଲି ଆଦୌ କିଛି ନ ଥାଏ ।

ବୁଦ୍ଧଦେବ ନିର୍ଭୟଭାବରେ ଯୁଦ୍ଧକୁ ନେଇ ଶତ୍ରୁର ଶିବିର ଭିତରେ ପ୍ରବିଷ୍ଟ କରାଇ ଦେଉଥିଲେ ଏବଂ ଏହିପରି ଭାବରେ ଏକ ଉଦ୍ଧତ ଯାଜକକୁଳକୁ ନତଜାନୁ କରାଇ ପାରିଥିଲେ । ଯୀଶୁଖ୍ରୀଷ୍ଟ ଜେରୁଜେଲମର ମନ୍ଦିର ଭିତରୁ ମୁଦ୍ରା ବିନିମୟକାରୀମାନଙ୍କୁ ବାହାରକୁ ତଡ଼ି ଦେଇଥିଲେ ଏବଂ କପଟୀ ତଥା ପାଖଣ୍ଡୀମାନଙ୍କ ଉପରକୁ ସ୍ୱର୍ଗରାଜ୍ୟର ଅଭିଶାପଗୁଡିକୁ ଆନତ କରି ନେଇ ଆସିଥିଲେ । ଦୁହେଁଯାକ ଅତ୍ୟନ୍ତ ତୀବ୍ରଭାବରେ ପ୍ରତ୍ୟକ୍ଷ କ୍ରିୟାନୁଷ୍ଠାନର ପକ୍ଷରେ ହିଁ ରହିଥିଲେ ।

ମାତ୍ର ବୁଦ୍ଧ ଏବଂ ଖ୍ରୀଷ୍ଟ ଗୋଟିଏ ପାଖରେ ଭର୍ତ୍ସନା କରୁଥିଲେ ମଧ ଆପଣାର ପ୍ରତ୍ୟେକ କାର୍ଯ୍ୟର ପଶ୍ଚାତରେ ଅତ୍ୟନ୍ତ ଅଭ୍ରାନ୍ତଭାବରେ କୋମଳତା ଏବଂ ପ୍ରେମର ହିଁ ପ୍ରଦର୍ଶନ କରୁଥିଲେ । ଆପଣାର ଶତ୍ରୁମାନଙ୍କ ବିରୋଧରେ ସେ ତର୍ଜନୀଟିଏ ମଧ କେବେହେଲେ ଉଠାଉ ନ ଥିଲେ ଏବଂ ସେମାନେ ଯେଉଁ ସତ୍ୟଟି ସକାଶେ ଜୀବନ ଧାରଣ କରି ରହିଥିଲେ, ସେଗୁଡିକୁ ଜଳାଞ୍ଜଳି ଦେବା ପରିବର୍ତ୍ତେ ଖୁସୀ ହୋଇ ଆପଣାକୁ ହିଁ ଉତ୍ସର୍ଗ କରି ଦେଉଥିଲେ ।

ଯାଜକ ଓ ପୁରୋହିତକୁଳର ମାନକୁ ଭାଙ୍ଗିଦେବା ସହିତ ଆପଣା ପ୍ରେମର ମହନୀୟତାକୁ ସମାନ ପରିମାଣରେ ଦର୍ଶାଇ ପାରି ନ ଥିଲେ ପୁରୋହିତକୁଳର ପ୍ରତିରୋଧ କରି ବୁଦ୍ଧଦେବକୁ ଆପଣାର ଜୀବନ ଦେବାକୁ ପଡିଥାନ୍ତା । ଏକ ସମଗ୍ର ସାମ୍ରାଜ୍ୟର କର୍ତ୍ତୃତ୍ୱକୁ ଅସ୍ୱୀକାର କରି ଯୀଶୁଖ୍ରୀଷ୍ଟଙ୍କୁ ନିଜ ମୁଣ୍ଡରେ କଣ୍ଟାର ଟୋପି ପିନ୍ଧି କ୍ରୁସ୍ ଉପରେ ମରିବାକୁ ହୋଇଥିଲା । ବର୍ତ୍ତମାନ ଯେ ମୁଁ ଏକ ଅହିଂସାପୂର୍ଣ୍ଣ ପ୍ରଣାଳୀର ପ୍ରତିରୋଧମାନ ଛିଡ଼ା କରାଉଛି, ମୁଁ ତଦ୍ୱାରା, ଅତ୍ୟନ୍ତ ବିନୀତଭାବରେ ସେହି ମହାନ୍ ଶିକ୍ଷାଦାତାମାନଙ୍କର ହିଁ ପଦାଙ୍କ ଅନୁସରଣ କରୁଛି ।

# ସ୍ୱାସ୍ଥ୍ୟବର୍ଦ୍ଧକ ସପୁରୀ ରସ

**ସ**ପୁରୀର ରୂପ ଓ ଆକାର ଅନ୍ୟ ଫଳଠାରୁ ଭିନ୍ନ । ଏହାର ସ୍ୱାଦ ସାଧାରଣତଃ ଖଟା ମିଶା ମିଠା । ଅଧିକାଂଶ ଲୋକ ଏହାକୁ ଖାଆନ୍ତି ନାହିଁ । ଆଖିକୁ ଅଜବ ଦେଖାଯାଉଥିବା ଏହି ଫଳ ଅତ୍ୟନ୍ତ ଗୁଣକାରୀ । ପୋଷକ ତତ୍ତ୍ୱରେ ଭରପୁର ଏହାର ରସ ଯେତିକି ସ୍ୱାସ୍ଥ୍ୟବର୍ଦ୍ଧକ, ସେତିକି ଶକ୍ତିବର୍ଦ୍ଧକ । ଏହାର ଫାଇଦା ଜାଣିଲେ ନ ଖାଉଥିବା ଲୋକ ବି ଏହାକୁ ଖୋଜିବ ।

ଏଥିରେ ଥିବା 'ବ୍ରେମେଲେନ' ନାମକ ଏଞ୍ଜାଇମ୍ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ତା' ସହିତ ଏହା ସ୍ତନ୍ୟ କର୍କଟ ଆଶଙ୍କାକୁ ହ୍ରାସ କରେ, ତେଣୁ ମହିଳାମାନଙ୍କ ପାଇଁ ସପୁରି ରସ ଅତ୍ୟନ୍ତ ଉପଯୋଗୀ ।

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶରୀର ଆବଶ୍ୟକ କରୁଥିବା ଖଣିଜଗୁଡିକ ମଧ୍ୟରୁ କ୍ୟାଲସିଅମ, ପୋଟାସିଅମ ଓ ଫସଫରସ ପ୍ରଭୃତି ଏଥିରେ ରହିଛି । ଏହାର ନିୟମିତ ସେବନ ଦେହ ପାଇଁ ହିତକର । ସପୁରି ରସ ମୂତ୍ରମାର୍ଗ ସଂକ୍ରମଣ ଆଶଙ୍କା ମଧ ଦୂର କରେ ।

ଗଣ୍ଠିବାତ ଭୋଗୁଥିବା ବ୍ୟକ୍ତି ନିୟମିତ ସପୁରି ରସ ପିଇବା ଉଚିତ୍ ।

ଗର୍ଭବତୀଙ୍କ ପାଇଁ ଏହା 'ଟନିକ୍'ର କାମ କରେ । ଗର୍ଭାବସ୍ଥାରେ ମହିଳାମାନଙ୍କୁ ସ୍ୱାଭାବିକ ଭୋଜନଠାରୁ କିଛି ଅଧିକ ଆବଶ୍ୟକ ହୁଏ । ସେଥିରୁ ଅଧିକାଂଶ ପୂରଣ କରେ ସପୁରୀ ରସ ।

ଏହା ପାଚନ ତନ୍ତ୍ରକୁ ମଜଭୂତ କରେ ଏବଂ ଖାଦ୍ୟ ହଜମ କରିବାରେ ସହାୟକ ହୁଏ । ସପୁରୀ ରସ ହାଡ଼ ମଜଭୁତ କରେ ।

ଏହାର ଆଣ୍ଟି ଇନଫ୍ଲେମେଟରି ଗୁଣ ବ୍ରୋଙ୍କାଇଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ।

ଦାନ୍ତ ଓ ମାଢ଼ି ସୁସ୍ଥ ରଖେ । ତ୍ୱଚା ଉପରେ ବୟସର ପ୍ରଭାବ ହ୍ରାସକରେ । ସପୁରୀ ରସ କୋଲେଷ୍ଟେରଲ ସ୍ତର ନିୟନ୍ତ୍ରଣ କରିବାରେ ସହାୟକ ହୁଏ ।



# ସ୍ୱର୍ବେଦ

**ଏକ ତତ୍ତ୍ୱ ୱହ କୌନ ହୈ,**
**ଜେହି ଜାନା ସବ ଜାନ ।**
**ଜାନ ନ ଜାନା ସୋଇ ଭୟେ,**
**ରୂପ ଏକ ଦୋୟ ଜ୍ଞାନ ॥୧୫॥**

ଭାଷ୍ୟ - ତତ୍ତ୍ୱ ତ ଗୋଟିଏ - ତାହା ପୁଣି କଣ ? ଯାହା ଜାଣିଗଲା ପରେ ସବୁକିଛି ଜାଣି ହୋଇଯାଏ ଆଉ ସେହି ଜ୍ଞେୟ ତତ୍ତ୍ୱର ଜ୍ଞାତା ତାହାର ସ୍ୱରୂପ ହୋଇଯାଏ ? ଉଭୟର ସ୍ୱରୂପ ଏକ ହୋଇଗଲା ପରେ ମଧ୍ୟ ଦୁଇ ସତ୍ତାର ଭିନ୍ନ ଭିନ୍ନ ଜ୍ଞାନ ହୋଇଥାଏ । ଜୀବ ଲୌହ ଅଗ୍ନିବତ୍ ବ୍ରହ୍ମର ସାନ୍ନିଧ୍ୟ ପ୍ରାପ୍ତ ହୋଇଥାଏ, ମାତ୍ର ବ୍ରହ୍ମ ହୋଇ ନ ଥାଏ । ଦୁଇ ଚେତନ ପଦାର୍ଥର ଗୁଣମାନଙ୍କର ସଂଯୋଗ ହୋଇଥାଏ । ଦୁଇ ଚେତନ ପଦାର୍ଥ ଏକତ୍ର ମିଳିତ ହୁଅନ୍ତି ନାହିଁ । ଉଭୟ ସତ୍ତା ଭିନ୍ନ, ଚେତନ ଏବଂ ଅଲଗା ଅଲଗା ଅଟନ୍ତି । ଜୀବ ନା କେବେ ବ୍ରହ୍ମ ହୋଇଥାଏ, ନା ବ୍ରହ୍ମ କେବେ ଜୀବ ହୋଇଥାଏ । ଉଭୟ ଅନାଦି ଚେତନ ସତ୍ତା ଭିନ୍ନ ଅଟନ୍ତି ।

**ଭାନୁ ଉଦୟ ନିଶିତମ ଗୟା,**
**ଜଗ ମୟ ଦୃଶ୍ୟ ଦିଖାୟ ।**
**ତିମି ମଧୁଭି଼ଦ୍ୟା ଉଦୟ ମେଁ,**
**ଦୃଶ୍ୟ ଅଧ୍ୟାତ୍ମ ଦିଖାୟ ॥୧୬॥**

ଭାଷ୍ୟ - ଯେଉଁ ପ୍ରକାର ସୂର୍ଯ୍ୟ




ଉଦୟ ହେଲେ ରାତିର ଅନ୍ଧକାର ଦୂର ହୋଇ ସମସ୍ତ ଭୌତିକ ପଦାର୍ଥ ଦୃଷ୍ଟିଗୋଚର ହୁଅନ୍ତି, ସେହି ପ୍ରକାର ବ୍ରହ୍ମବିଦ୍ୟା ପ୍ରକଟ ହେବା ପରେ ସମସ୍ତ ଆଧ୍ୟାତ୍ମିକ ତତ୍ତ୍ୱ ଦୃଷ୍ଟିଗୋଚର ହୋଇଥାନ୍ତି ।

**ବ୍ରହ୍ମବିଦ୍ୟା କେ ଉଦୟ ମେଁ,**
**ଧ୍ୟାତ୍ମ କ୍ଷେତ୍ର ପରକାଶ ।**
**ଶୂନ୍ୟ ପିଣ୍ଡ ବ୍ରହ୍ମାଣ୍ଡ ମେଁ, ସବ**
**କୁଛ ଦେଖତ ଭାସ ॥୧୭॥**

ଭାଷ୍ୟ - ବ୍ରହ୍ମବିଦ୍ୟା ପ୍ରକଟ ହେବା ପରେ ଆଧ୍ୟାତ୍ମ କ୍ଷେତ୍ର ପ୍ରକାଶିତ ହୋଇଯାଏ, ଯାହା ଦ୍ୱାରା ଶୂନ୍ୟ ଓ ପିଣ୍ଡ ବ୍ରହ୍ମାଣ୍ଡର ସମସ୍ତ ପ୍ରଦେଶ ସ୍ପଷ୍ଟ ଦୃଶ୍ୟମାନ ହେବାରେ ଲାଗେ ।

**ବ୍ରହ୍ମବିଦ୍ୟା ଦୋ ଭେଦ ହୈ, ତତ୍ତ୍ୱ**
**ଜ୍ଞାନ ଅଭ୍ୟାସ ।**
**ପ୍ରଥମ ବୋଧ ତତ୍ତ୍ୱନ କରେ,**
**ଅନ୍ତର ଭେଦ ସମାସ ॥୧୮॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଦୁଇଟି ଭେଦ ଅଛି - ପ୍ରଥମତଃ ବାହ୍ୟ ତତ୍ତ୍ୱଜ୍ଞାନ ଏବଂ ଦ୍ୱିତୀୟତଃ ଆଭ୍ୟନ୍ତର ଭେଦ ସାଧନ । ପ୍ରଥମ ଜିଜ୍ଞାସୁଗଣ ସଦ୍‌ଗୁରୁ ଶରଣରେ ରହି ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ ପ୍ରାପ୍ତ କରନ୍ତୁ । ଏହା ପରେ ସତ୍‌ମାର୍ଗ ପ୍ରାପ୍ତକରି ଅନ୍ତର ସାଧନ ଅଭ୍ୟାସ ଦ୍ୱାରା ପ୍ରଭୁପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରନ୍ତୁ । ଯୋଗ ସାଧନ ଦ୍ୱାରା ହିଁ ପ୍ରଭୁପ୍ରାପ୍ତି ଏବଂ ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ ହୋଇଥାଏ । ବାଚକଜ୍ଞାନ ଓ ଆଧାରଶୂନ୍ୟ ଅନ୍ଧକାରରେ ତର୍କ ବିତର୍କ କରି ସମୟ ନଷ୍ଟ କରିବା ଅନୁଚିତ । ପରମ ପ୍ରଭୁ ସମସ୍ତ ଜ୍ଞାନର ଆଧାର ଅଟନ୍ତି । ଆତ୍ମାର ଶକ୍ତି ବାହ୍ୟକରଣଗୁଡ଼ିକରୁ ବିଚ୍ୟୁତ ହୋଇ ଯେତିକି ଅନ୍ତର ଜଗତରେ ପ୍ରବେଶ କରିବ, ସେତିକି ହିଁ ଶକ୍ତି ଏବଂ ଜ୍ଞାନ ଆତ୍ମାରେ କ୍ରମଶଃ ପ୍ରକଟ ହେବାକୁ ଲାଗିବ । ସେଥିପାଇଁ ବିବେକ ଦ୍ୱାରା ଶାନ୍ତ ହୋଇ ଯୋଗର ସନ୍ମାର୍ଗରେ ପ୍ରଭୁଙ୍କର ଉପାସନା କରିବା ଉଚିତ । ଆଧ୍ୟାତ୍ମ ବିଦ୍ୟା ଅନୁଭବ ସାଧନ ଦ୍ୱାରା ସଦ୍‌ଗୁରୁ ଶରଣ ପ୍ରାପ୍ତ ହୋଇଥାଏ । ଏଥିରେ ସ୍ୱୟଂ ମନମୁଖୀ ସାଧନ ଅଥବା ଅନୁଭବ ବିବେକ ସଫଳ ହୋଇ ନ ଥାଏ ।

**ଅନ୍ତର ସାଧନ ଭେଦ ହୈ, ଅତି**
**ରହସ୍ୟ ଗତି ସୋୟ ।**
**ସଦ୍‌ଗୁରୁ କୃପା ସେ ପାଇୟେ,**
**ଜନ୍ମ ସଫଲ ନର ହୋୟ ॥୧୯॥**

ଭାଷ୍ୟ - ଅନ୍ତର ସାଧନ ଭେଦ ଅତ୍ୟନ୍ତ ରହସ୍ୟଯୁକ୍ତ ଅଟେ । ସଦ୍‌ଗୁରୁ କୃପାରୁ ଏହି ଅନୁଭବ ଭେଦ ପ୍ରାପ୍ତ ହୋଇଥାଏ, ଯେଉଁଥିରୁ ମନୁଷ୍ୟ ଜୀବନ ସଫଳ ହୋଇଥାଏ ।

**ସୂର୍ଯ୍ୟ ଉଦୟ କେ ହୋନ ମେଁ,**
**ନହିଁ ସବ ଠୌର ପ୍ରକାଶ ।**
**ମଧୁଭି଼ଦ୍ୟା କେ ଉଦୟ ମେଁ,**
**ଭୀତର ବାହ୍ୟ ଭି଼କାଶ ॥୨୦॥**

ଭାଷ୍ୟ - ଭୌତିକ ସୂର୍ଯ୍ୟ ଉଦୟ ହେବା ପରେ ସମସ୍ତ ସ୍ଥାନ ଆଲୋକିତ ହୁଏ ନାହିଁ । ଗୋଲାକୃତି ପୃଥିବୀମଣ୍ଡଳର ସମସ୍ତ ସ୍ଥାନରେ ସୂର୍ଯ୍ୟକିରଣ ପହଞ୍ଚି ପାରେନାହିଁ । ମାତ୍ର ବ୍ରହ୍ମବିଦ୍ୟା ଉଦୟ ହେବା ପରେ ଦେହ-ସଂଘାତ ଆତ୍ମ-ମଣ୍ଡଳ ଏବଂ ବାହାର ଭିତର ସମସ୍ତ ସ୍ଥାନରେ ପ୍ରକାଶ ପୂର୍ଣ୍ଣରୂପରେ ପ୍ରକଟ ହୋଇ ସମସ୍ତ ଅନ୍ଧକାରକୁ ଦୂର କରିଦିଏ ।

## ଭିଟାମିନ୍‌ରେ ଭରପୁର ଫୁଲକୋବି

**ଶୀ**ତଦିନିଆ ପରିବା ଭାବେ ଫୁଲକୋବିର ଆଦର ଖୁବ୍ ଅଧିକ । ଘରେ ଘରେ ଫୁଲକୋବି ଭଜା, ଚପ୍ ସହ ତରକାରିର ଆସର ବେଶ୍ ଜମିଥାଏ । ଫାଇବର୍‌ରେ ଭରପୁର ଓ ଭିଟାମିନ୍ ବି ପୋଷକତତ୍ତ୍ୱ ଥିବା ଏଇ ପରିବା ଆମ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ବିଶେଷଜ୍ଞଙ୍କ ମତରେ ନିୟମିତ ଫୁଲକୋବିକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରାଇଲେ



କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ । ଆଣ୍ଟି ଅକ୍ସିଡାଣ୍ଟ ଭରପୁର ଏଇ ପରିବା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ପାଶ୍ଚାତ୍ୟ ରାଷ୍ଟ୍ରରେ ଫୁଲକୋବିକୁ ସାଲାଡରେ ବ୍ୟବହାର କରାଯାଇଥାଏ । ଏହି ପରିବାରେ ଥିବା କ୍ୟାରୋଟିନଏଡ୍ ଓ ଫ୍ଲାବନଏଡ୍ ତତ୍ତ୍ୱ ଶରୀରର କର୍କଟ ପ୍ରତିରୋଧୀ ଶକ୍ତି ବୃଦ୍ଧି କରେ । ଭିଟାମିନ୍ ସି' ଭରପୁର ଥିବା ଫୁଲକୋବି ପ୍ରତ୍ୟହ ଖାଇଲେ ହୃଦରୋଗ ହେବାର ଆଶଙ୍କା କମ୍ ହୁଏ ।

କମ୍ କ୍ୟାଲୋରିଯୁକ୍ତ ଏଇ ପରିବା ଖାଇଲେ ଓଜନ ମଧ ଶୀଘ୍ର ହ୍ରାସ ପାଏ । ଫୁଲକୋବିରେ ୯୨% ଜଳ ଥିବାରୁ, ଏହା ଖାଇଲେ ବରଂ ଆମ ଓଜନ ନିୟନ୍ତ୍ରଣରେ ରହେ । ଫୁଲକୋବିରେ ଥିବା ପୋଷକତତ୍ତ୍ୱ କାରଣରୁ ଆମ ସ୍ମୃତି ଶକ୍ତି ବୃଦ୍ଧି ହେବା ସହ ନିଦ ମଧ ଭଲ ଭାବେ ହୋଇଥାଏ । ଆଣ୍ଠୁଗଣ୍ଠି ସମସ୍ୟା ଥିଲେ କିମ୍ବା ହାଡ଼ ଦୁର୍ବଳ ଥିଲେ, ପ୍ରତ୍ୟହ ଫୁଲକୋବି ନିଜ ଡାଏଟରେ ସାମିଲ କରାଇବା ଉଚିତ ।

## ସତରେ କଣ ଈଶ୍ୱର କପଟ... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ପିତାମହ ଭୀଷ୍ମଙ୍କ ଶରଶଯ୍ୟା ଚୟନ ପାଶ୍ଚାତ ଗୁରୁ ଦ୍ରୋଣାଚାର୍ଯ୍ୟ କୌରବ ସେନାର ସେନା ପ୍ରଧାନ ଦାୟିତ୍ୱ ଯୁଦ୍ଧର ଏକାଦଶ ଦିବସରୁ ପଞ୍ଚଦଶ ଦିବସ ପର୍ଯ୍ୟନ୍ତ ନିଷ୍ଠାର ସହ ତୁଲେଇଥିଲେ । କୁଶଳୀ ଯୋଦ୍ଧା ରୂପେ ସର୍ବଜନବିଦିତ ଦ୍ରୋଣାଚାର୍ଯ୍ୟଙ୍କୁ ପରାସ୍ତ କରିବା ଏକପ୍ରକାର ଅସମ୍ଭବ ଥିଲା । ନିଜ ପୁତ୍ର ତଥା ପରମ ଶିଷ୍ୟ ଅଶ୍ୱସ୍ଥାମାର ଯୁଦ୍ଧରେ ବୀରଗତିକୁ ପ୍ରାପ୍ତ ସନ୍ଦେଶ ଶୁଣି ସେ ଅସ୍ତ୍ର ତ୍ୟାଗ କରିଥିଲେ । ପୁରାଣାନୁସାରେ ପ୍ରକୃତରେ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱସ୍ଥାମା ନିହତ ହୋଇ ନ ଥିଲେ । ଦ୍ୱିତୀୟ ପାଣ୍ଡବ ଭୀମ ଅବନ୍ତୀରାଜଙ୍କ ହାତୀ ଅଶ୍ୱସ୍ଥାମାକୁ ମାରିଥିଲେ । ଶ୍ରୀକୃଷ୍ଣ ଧର୍ମାବତାର ଯୁଧିଷ୍ଠିରଙ୍କୁ ନରେ ବା ଗୁଂଜରେ ଅଶ୍ୱସ୍ଥାମା ରଣେ ହତ ବୋଲି କହିବାକୁ କହିଥିଲେ । ନରେ ବା ଗୁଂଜରେ ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖନାଦ ଯୋଗୁଁ ଦ୍ରୋଣାଚାର୍ଯ୍ୟଙ୍କ କର୍ଣ୍ଣଗୋଚର ହୋଇନଥିଲା । ପରିଣାମସ୍ୱରୂପ ଶୋକାଶିକ୍ତ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ତ୍ୟାଗ କରିଥିଲେ । ବିବାହ ପୂର୍ବରୁ ଜନ୍ମିତ ସୂର୍ଯ୍ୟଦେବ ଓ କୁନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ମହାଦାନୀ କର୍ଣ୍ଣଙ୍କ ଠାରୁ କବଚ ଓ କୁଣ୍ଡଳ ବ୍ରାହ୍ମଣବେଶୀ ଇନ୍ଦ୍ରଦେବ ଶ୍ରୀକୃଷ୍ଣଙ୍କ ପ୍ରରୋଚନା କ୍ରମେ ଦାନରେ ମାଗି ନେଇଥିଲେ । ସୁତପୁତ୍ର କର୍ଣ୍ଣଙ୍କୁ ଏହାର ଆଭାସ ପୂର୍ବରୁ ହୋଇଥିଲେ ମଧ ଅକୁଣ୍ଠ ଚିତ୍ତରେ ସେ ଦାନଧର୍ମ ପାଳନ ଲାରିଥିଲେ । ଦ୍ରୋଣାଚାର୍ଯ୍ୟଙ୍କ ପରେ ସେନାଧକ୍ଷର ଦାୟିତ୍ୱ ସୁତପୁତ୍ର କର୍ଣ୍ଣଙ୍କ କାନ୍ଧକୁ ଆସିଥିଲା । କର୍ଣ୍ଣଙ୍କ ରଥଚକ ଭୂମିରେ ଫସିଥିବା ବେଳେ ନିରସ୍ତ୍ରାବସ୍ଥାରେ ଶ୍ରୀକୃଷ୍ଣଙ୍କ କୁତ୍ସିତ ପରାମର୍ଶକ୍ରମେ ଅର୍ଜୁନ ତାଙ୍କୁ ବଧ କରିଥିଲେ । କୌରବ ସେନାର ଅନ୍ତିମ ଦିନିକିଆ ସେନାପତି ଥିଲେ ମଦ୍ରରାଜ ଶଲ୍ୟ ଯିଏ ଜ୍ୟେଷ୍ଠ ପାଣ୍ଡୁପୁତ୍ର ଧର୍ମରାଜ ଯୁଧିଷ୍ଠିରଙ୍କ ଅସ୍ତ୍ରରେ ଚିର ନିଦ୍ରାଳୁ ପ୍ରାପ୍ତ ଲଭିଥିଲେ । ଦୁର୍ଯ୍ୟୋଧନର ପରାମର୍ଶ କ୍ରମେ ଘଟୋତ୍କଚ ଉପରେ କର୍ଣ୍ଣଙ୍କ ଦିବ୍ୟାସ୍ତ୍ର ପ୍ରୟୋଗ, ସୂର୍ଯ୍ୟାସ୍ତ ପ୍ରହେଳିକା ରଚନା କରି ଜୟଦ୍ରଥ ବଧ ଓ ଭୀମ ପୌତ୍ର ବୈବରିକଙ୍କ ଠାରୁ ବ୍ରାହ୍ମଣ ବେଶରେ ଶ୍ରୀକୃଷ୍ଣଙ୍କ ଶୀଷଦାନ ସୁଚିନ୍ତିତ ଛଳନାର ସାକ୍ଷାତ ପ୍ରାମାଣିକ ସତ୍ୟ ବୋଲି ବିଶ୍ୱାସ କରାଯାଏ । ବଜ୍ର ଶରୀର ପ୍ରାପ୍ତି ଆଶାରେ ଧୃତରାଷ୍ଟ୍ର ପୁତ୍ର ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କ ନିକଟକୁ ସମ୍ପୂର୍ଣ୍ଣ ନିର୍ବସ୍ତ୍ରାବସ୍ଥାରେ ଯିବା ବେଳେ ଲଜ୍ଜ୍ୟାର ଦ୍ୱାହି ଦେଇ ଶ୍ରୀକୃଷ୍ଣଙ୍କ ସ୍ୱାର୍ଥଯୁକ୍ତ କୁପରାମର୍ଶ କପଟ ବୋଲି ଅବତାରଣା କରାଯାଏ ।

ଶ୍ରୀକୃଷ୍ଣ ନାରାୟଣଙ୍କ ଅଷ୍ଟମ ଅବତାର ବୋଲି ଶାସ୍ତ୍ର ଓ ପୁରାଣରେ ବର୍ଣ୍ଣିତ ଅଛି । କେତେକ ଲୋକ ବିଭିନ୍ନ ଅବତାର ଯଥା ମତ୍ସ୍ୟ, କଚ୍ଛପ, ବରାହ, ବାମନ, ନୃସିଂହ ରାମ, ପର୍ଶୁରାମ, କୃଷ୍ଣ, ବୌଦ୍ଧ ଓ କଲକୀଙ୍କୁ ସାକ୍ଷାତ ବିଷ୍ଣୁ କିମ୍ବା ତାଙ୍କର ଅଂଶ ବୋଲି ବିବେଚନା କରୁଥିବା ବେଳେ ଅନ୍ୟକେତେକ ନାରାୟଣଙ୍କ ଅବତାର ସିଦ୍ଧାନ୍ତରେ ଆସ୍ଥା ରଖନ୍ତି ନାହିଁ । ଈଶ୍ୱର ସର୍ବବିଦ୍ୟମାନ, ସର୍ବଶକ୍ତିମାନ ଓ ସର୍ବଜ୍ଞାତା ଅଟନ୍ତି । ସେ ଶୁଦ୍ଧ, ବୁଦ୍ଧ, ମୁକ୍ତ ଓ ନିତ୍ୟ ତଥା ତ୍ରିଗୁଣ ରହିତ ଅଟନ୍ତି । ଅଭୋକ୍ତା ଈଶ୍ୱର କର୍ମ ଫଳ ଭୋଗ କରନ୍ତି ନାହିଁ । ଉଦାସୀନ ଏବଂ କାମନା ରହିତ ହେବା କାରଣରୁ ସୁଖ, ଦୁଃଖ, କାମ, ଅଭିଳାଷ ଇତ୍ୟାଦି ଲକ୍ଷଣ ତାଙ୍କ ଠାରେ ଦେଖିବାକୁ ମିଳେନାହିଁ । ତାଙ୍କଠାରେ ଅପ୍ରାପ୍ତକୁ ପ୍ରାପ୍ତ କରିବାର ଇଛା ନଥାଏ କାରଣ ସେ ହିଁ ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା, ସ୍ୱାମୀ । ଏପରିସ୍ଥଳେ ଈଶ୍ୱର ଅନ୍ୟର ଅପକାର ଚାହିଁବେ କାହିଁକି ? ଅନ୍ୟାୟ ଓ ଅନୀତି କରିବେ କିପରି ? ଆମେ ଯଦି ଶ୍ରୀକୃଷ୍ଣଙ୍କୁ ଈଶ୍ୱର ବୋଲି ବିଶ୍ୱାସ କରୁ ତେବେ ତାଙ୍କର ଅଭାବ କଣ ? ସବୁ ତାଙ୍କର । ସମସ୍ତେ ତାଙ୍କର । ତେଣୁ ଛଳନା ଅଥବା କପଟ କରିବାର ପ୍ରଶ୍ନ ଉଠୁଛି କେଉଁଠି ?

ଅପରପକ୍ଷେ ଶ୍ରୀକୃଷ୍ଣ ଯଦି ସ୍ୱୟଂ ନାରାୟଣ କିମ୍ବା ତାଙ୍କ ଅବତାର ନୁହନ୍ତି ବୋଲି ବିବେଚନା କରାଯାଏ ତେବେ ତାଙ୍କୁ ଜଣେ ସାଧାରଣ ମଣିଷ ଭାବିବା ଠିକ ହେବ ନାହିଁ । ସେ ରାଜନୀତି ଓ କୂଟନୀତିର ଏକ ଅଦ୍ୱିତୀୟ ପ୍ରଜ୍ଞାବାନ ପୁରୁଷ । ଅନ୍ୟାୟ ଓ ଅସତକାର୍ଯ୍ୟର ବିରୋଧ କରିବା ତାଙ୍କର ଜନ୍ମଗତ ପ୍ରବୃତ୍ତି । ଅଧର୍ମ ଓ ଅତ୍ୟାଚାରର ନୀରବଦ୍ରଷ୍ଟା ସାଜିବା ଜଣେ ସ୍ୱାଭିମାନୀ ପକ୍ଷେ ଅତ୍ୟନ୍ତ ଅସମ୍ଭବ । ଦୁର୍ଯ୍ୟୋଧନ ପାଣ୍ଡୁ ପାଞ୍ଚ ପୁତ୍ର ଓ ଗୃହଲକ୍ଷ୍ମୀ ପାଞ୍ଚାଳୀଙ୍କୁ ଅକଥନୀୟ ଅପମାନ ଦେଇଆସିଛି । ଦେବଦତ୍ତ ଓ ଦ୍ରୋଣାଦି ଧର୍ମନିଷ୍ଠ ଦେବତୁଲ୍ୟ କୁଳହିତୈଶୀ ଅଧର୍ମର ନୀରବ ସମର୍ଥନ କରି କଣ କାପୁରୁଷତାର ପରିଚୟ ଦେଇଛନ୍ତି । ଗାନ୍ଧାର ନରେଶ ମାମା ଶକୁନିର ପ୍ରରୋଚନା ଓ ବୋଲକରା ପଶାକାଠିର କୁଟିଳ ଦ୍ୟୁତକ୍ରୀଡା ଅତ୍ୟନ୍ତ ଅନ୍ୟାୟୋଚିତ ଥିଲା । ରାଜସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ, ବାରବର୍ଷ ବନବାସ, ଏକ ବର୍ଷ ଅଜ୍ଞାତବାସ, ଜତୁଗୃହରେ ଅଗ୍ନିସଂଯୋଗ, ଶ୍ରୀକୃଷ୍ଣଙ୍କୁ ଲାଞ୍ଛନ ଓ ଅପମାନ, ଚକ୍ରବ୍ୟୁହ ରଚନା ଓ ଅଭିମନ୍ୟୁ ବଧ ଇତ୍ୟାଦି ଧର୍ମାନୁରୂପ ନ ଥିଲା । ଏପରି ଜଣେ ମହାପୁରୁଷ ଯାହାଙ୍କୁ ଯୋଗେଶ୍ୱର କୁହାଯାଏ ସେ ଅଧର୍ମାଚାରଣ କରି ନିଜକୁ କପଟ କିମ୍ବା ଛଳିଆ ରୂପକ କଳଙ୍କରେ କଳଙ୍କିତ କରିବେ କାହିଁକି ?

ଏପରି ଏକ ଅସହଜ ପରିସ୍ଥିତରେ ସହଜ ନିର୍ଣ୍ଣୟ ନେଇ ଅତିସହଜରେ ଶ୍ରୀକୃଷ୍ଣଙ୍କୁ କପଟ କହିବା ଅସହଜ ହେବ । ତଥାପି ଯଦି କେହି ଶ୍ରୀକୃଷ୍ଣ କପଟ ଓ ଛଳନା ବାଣରେ କୌରବଙ୍କୁ ଯୁଦ୍ଧରେ ହରାଇଥିଲେ ବୋଲି କୁହନ୍ତି ତେବେ ସେ ସ୍ୱୟଂ ନିର୍ଣ୍ଣୟ ନେବେ ଯେ ଶ୍ରୀକୃଷ୍ଣ ସ୍ୱୟଂ ନାରାୟଣ ନା ଜଣେ ଅସାଧାରଣ ଶରୀରଧାରୀ ମଣିଷ । ଆମ ବ୍ୟକ୍ତିଗତ ବିଚାରରେ ଶ୍ରୀକୃଷ୍ଣ ଈଶ୍ୱର ସଦୃଶ ଏବଂ ଉଭୟ ଈଶ୍ୱର ଓ ଈଶ୍ୱର ସଦୃଶ ଅସାମାନ୍ୟ ପୁରୁଷ କପଟ ଓ ଛଳନାର ଆଶ୍ରୟ ନିଅନ୍ତି ନାହିଁ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

## ଟିକିଏ ହସନ୍ତୁ

ଅମନ ତା' ସାଙ୍ଗ ନମନକୁ କହିଲା – ମୋ ଲାପ୍‌ଟପ୍ କାପାସିଟିକୁ ବଢ଼ାଇବା ପାଇଁ କ'ଣ କରିବି ?
ନମନ : ବହୁତ ସହଜ ଉପାୟ, ଏଥିରେ ଉଇଣ୍ଡୋ ବଦଳରେ ଡୋର ଲଗାଇଦେ ।

× × ×

ପ୍ରଥମ ଭଉଣୀ : ଆରେ ପୁଅ,
ଟିକେ ଦୋକାନକୁ ଯାଇ ମାଉସୀ ପାଇଁ କୋଲ୍ଡ ଡ୍ରିଙ୍କ୍ସ ଆଣିଲୁ ।
ଦ୍ୱିତୀୟ ଭଉଣୀ : ନା, ମୋର ଚା' ପିଇବାକୁ ଇଚ୍ଛା ହେଉଛି ।
ପ୍ରଥମ ଭଉଣୀ : ଯା ପୁଅ, କ୍ଷୀର ପ୍ୟାକେଟ୍ ଆଣିବୁ । ସେଥିରେ ମୁଁ ମାଉସୀଙ୍କ ଲାଗି ଚା' କରିବି ।
ଦ୍ୱିତୀୟ ଭଉଣୀ : ଆରେ ପୁଅ ରହ, ନେ ମୋ ଏଟିଏମ୍ କାର୍ଡ, ସେଥିରେ ତୁ କ୍ଷୀର ପ୍ୟାକେଟ୍‌ର ପଇସା ଦେଇଦେବୁ । ଆଉ ତୋ ପସନ୍ଦର ଜିନିଷ ଆଣିବୁ । କିଛି ସମୟ ପରେ ପୁଅ ଆସି କହିଲା- ମା' ନେ ତୋ କ୍ଷୀର ପ୍ୟାକେଟ୍, ଆଉ ମାଉସୀ ଏଇ ମୋର ଆଇଫୋନ୍, ତୁମେ କହିଥିଲ ନା ତୋର ଯାହା ପସନ୍ଦ ତୁ ନେଇ ଆଣିବୁ, ମୁଁ ସେଥିପାଇଁ ମୋ ପସନ୍ଦର ଆଇଫୋନ୍ ଏଇ କାର୍ଡରେ ନେଇ ଆଣିଛି ।



× × × ×

ଶିକ୍ଷକ : ଭାରତର ସବୁଠାରୁ ବିପଦ ପୂର୍ଣ୍ଣ ନଦୀ କାହାକୁ କହିବା ?
ରାଜୁ : ସାର୍ ଭାବନା ।
ଶିକ୍ଷକ : ଚମକି ପଡି କହିଲେ କେମିତି ?
ରାଜୁ : କାହିଁକି ନା, ସମସ୍ତେ ଏଥିରେ ଭାସିଯାଆନ୍ତି ।

× × × ×

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ କହିଲେ, ପିଲାମାନେ କାଲି ଯଦି ହୋମୱାର୍କ କରି ନ ଥିବ ତେବେ ତୁମକୁ ମୁଁ ମୁର୍‌ଗା (କୁକୁଡା) ବନେଇଦେବି ।
ଛାତ୍ର : ସାର୍ ମୁଁ ମୁର୍‌ଗା(କୁକୁଡା) ଖାଏନି, ଯଦି ଆପଣ ଚାହୁଁଛନ୍ତି ମୋ ପାଇଁ ମଟର ପନୀର କରିଦେବେ ।

× × × ×

ସାଇକେଲ୍ ଚଲାଇ ଲୋକଟିଏ ରାସ୍ତାରେ ଯାଉଥିବା ସମୟରେ ଅନ୍ୟ ଜଣେ ବ୍ୟକ୍ତିକୁ ଧକ୍କା ଦେଇ କହିଲେ, ଭାଇ ତୁମେ ବହୁତ ବଡ଼ ଭାଗ୍ୟବାନ ।
ବ୍ୟକ୍ତିଜଣକ ରାଗିଯାଇ କହିଲେ : ପ୍ରଥମେ ତ ମୋତେ ଧକ୍କା ଦେଲ ତା' ପରେ ପୁଣି କହୁଛ ଯେ ମୁଁ ଭାଗ୍ୟବାନ୍ ବୋଲି ।
ସାଇକେଲବାଲା : ଦେଖନ୍ତୁ ଭାଇ, ଆଜି ମୋର ଛୁଟି ଅଛି ସେଥିପାଇଁ ସାଇକେଲ ଚଲାଉଛି ନ ହେଲେ ମୁଁ ପ୍ରାୟ ଦିନ ଟ୍ରକ୍ ଚଲାଏ ।

× × × ×

ପ୍ରଥମ ମହିଳା : ଆଜିକାଲି ମେଦବହୁଳତା ବହୁତ ବଢ଼ିଗଲାଣି, ସେଥିପାଇଁ ବାହାରେ ଖାଇବା ବନ୍ଦ....
ଦ୍ୱିତୀୟ ମହିଳା : ଏଥିପାଇଁ ମୁଁ ଖାଦ୍ୟକୁ ପ୍ୟାକ୍ କରି ଘରକୁ ନେଇଆସେ, ଘରେ ବସି ଖାଇଥାଏ ।

# ମେଥି ଶାଗର ଉପକାରିତା

**ମେ**ଥି ହେଉଛି ଡାଲି, ମଟର ଓ ବିନସ ପରି ଏକ ଛୁଇଁ ଜାତୀୟ ଫସଲ, ଇଂରାଜୀରେ ମେଥିକୁ ଫେନୁଗ୍ରିକ୍ ବୋଲି କୁହାଯାଏ । ମେଥିର ଉତ୍ପତ୍ତିସ୍ଥଳ ଭାରତ ବର୍ଷ ନୁହେଁ ଏହା ମଧ ପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶରେ ଉତ୍ପନ୍ନ ହୋଇଥିଲା ଏବଂ ପର୍ଯ୍ୟାୟକ୍ରମେ ମୁନିଋଷିମାନଙ୍କ ଦ୍ୱାରା ୟୁରୋପ ମହାଦେଶକୁ ଅଣାଯାଇଥିଲା । ଗ୍ରୀକ୍ ଓ ରୋମାନମାନେ ଏହାକୁ ଔଷଧ ଓ ମସଲା ବ୍ୟତୀତ ଗୋଖାଦ୍ୟ ରୂପେ ମଧ ବ୍ୟବହାର କରୁଥିଲେ । ମେଥି ଗଛର ଡେଙ୍ଫ ଉପରେ ତ୍ରିଭୂଜ ଆକାରରେ ତିନୋଟି ପତ୍ର ରହିଥିବା ଲାଟିନ୍ ଶବ୍ଦ କୋଷରେ ମେଥିକୁ ଗ୍ରାଇଗୋନାଲ କୁହାଯାଏ । ମେଥି ଶାଗରେ ସାଧାରଣତଃ ପୁଷ୍ଟିସାର ୪.୪ ପ୍ରତିଶତ, ସ୍ନେହସାର ୦.୯ ପ୍ରତିଶତ ଓ ଜଳୀୟ ଅଂଶ ୮୬.୧ ପ୍ରତିଶତ ରହିଥାଏ । ମେଥିଶାଗ ଏବଂ ମେଥିରେ ଖାଦ୍ୟସାର 'ଏ' ଭିଟାମିନ୍ 'ସି' ଓ ଭିଟାମିନ୍ 'କେ' ମଧ ଯଥେଷ୍ଟ ପରିମାଣରେ ରହିଥାଏ । ଖଣିଜ ଲବଣ ଆକାରରେ ମେଥିରେ ମ୍ୟାଗ୍ନେସିୟମ, ପୋଟାସିୟମ, ଆଇରନପରି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଉପଲବ୍ଧ ହୁଏ । ସ୍ତନ୍ୟପାନ କରାଉଥିବା ମହିଳା ମାନେ ଦୈନିକ ଅତି କମ୍‌ରେ ୧୫୦ ଗ୍ରାମ ମେଥିଶାଗ ଖାଇବା ଆବଶ୍ୟକ । ଏହା ଦ୍ୱାରା ମା' ମାନଙ୍କ ଠାରେ ଦେଖା ଦେଉଥିବା ରକ୍ତହୀନତା ରୋଗଦୂର ହୁଏ ଏବଂ ମେଥି ଶାଗରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍ ଶିଶୁମାନଙ୍କ ମସ୍ତିଷ୍କର ବିକାଶରେ ଚମତ୍କାର ପ୍ରଭାବ ପକାଇଥାଏ, ତେଣୁ କରି ଗର୍ଭବତୀ ମହିଳା ମଧ ମେଥି ଶାଗ ବା ମେଥିଗୁଣ୍ଡ ଖାଇ ନିଜ ଗର୍ଭସ୍ଥ ଶିଶୁ ବା ସନ୍ତାନର ମସ୍ତିଷ୍କ ବିକାଶରେ ସାହାଯ୍ୟ କରିପାରିବେ । ମେଥିଶାଗ ଅନେକ ଗୁଡିଏ ଔଷଧୀୟ ଗୁଣରେ



ଭରପୁର । ଏହା ଲୌହର ଏକ ଉତ୍ତମ ମାଧ୍ୟମ ହୋଇଥିବାରୁ ୬୦ ରୁ ୭୦ ଭାଗ ପର୍ଯ୍ୟନ୍ତ ପ୍ରାପ୍ତ ବୟସ୍କା ବାଳିକାମାନଙ୍କର ରକ୍ତହୀନତା ଓ ମାସିକ ଋତୁସ୍ରାବ ସମୟରେ ଶାରୀରିକ ଓ ମାନସିକ ଯନ୍ତ୍ରଣାଦୂର କରେ ମେଥିରେ କ୍ୟାଲସିୟମ୍ ଭରପୁର ହୋଇଥିବାରୁ ସ୍ତ୍ରୀମାନଙ୍କୁ ହେଉଥିବା ଓଷ୍ଟିଓପରୋସିସ୍ ରୋଗକୁ ମଧ ପ୍ରତିରୋଧ କରେ । ମେଥି ଶାଗକୁ ଶୁଖାଇ ଗୁଣ୍ଡ କରି ଖାଇଲେ ଡାଲି ଜାତୀୟ ଖାଦ୍ୟର ଅଭାବ ପୂରଣ କରିବା ସହ ଆମିନୋଲସିଡ ଲାଇସିନର ଅଭାବ ପୂରଣ କରେ । ମେଥିଶାଗ ଛୋଟ ଛୋଟ ମାଟିଆ ରଙ୍ଗର ମଞ୍ଜି ମଧୁମେହ ରୋଗୀମାନଙ୍କର ଏକ ଅବ୍ୟର୍ଥ ଔଷଧ ରୂପେ ଗଣାଯାଏ । ମେଥିକୁ ଡାଇରିଆ, ଡିସେଣ୍ଟ୍ରି ଏବଂ ପେପଟିକ୍ ଅଲସରର ପ୍ରତିଷେଧକ ଭାବରେ ବ୍ୟବହାର କରାଯାଏ । ଇନଫ୍ଲୁଏଞ୍ଜା ଓ ବ୍ରୋନକାଇଟିସ୍ କଷ୍ଟରୁ ମଧ ମୁକ୍ତି ମିଳିଥାଏ । ବସନ୍ତ, ହାଡଫୁଟି ଓ ସାଧାରଣ ଅସୁସ୍ଥତା ପରେ ଶକ୍ତି ଫେରି ଆସିବା ପାଇଁ ସର୍ବତ କରି ରୋଗୀକୁ ଦିଆଯାଏ । ମେଥିକୁ ଭାଜି ଗୁଣ୍ଡ କରି ଗୁଡ ସହିତ ମିଶାଇ ଲଡୁ କରି ମଧ ଖାଇବାକୁ ଦିଆଯାଏ ।

# ଦୃଷ୍ଟିଶକ୍ତି ପ୍ରଖର କରେ ମର୍ନିଂ ୱାକ୍

**ଆ**ଜିକାଲି ଅନେକେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରୁଛନ୍ତି । ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିଲେ ତାହାର କେତେ ସୁଫଳ ମିଳେ ତାହା ଅନୁଭବୀ ହିଁ ଜାଣେ । ନିୟମିତ ମର୍ନିଂ ୱାକ୍ କରିବା ଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ ବୋଲି ମତ ଦେଇଛନ୍ତି ଚାଇନା ବିଶେଷଜ୍ଞମାନେ । ପ୍ରତିଦିନ ମର୍ନିଂ ୱାକ୍ କରୁଥିବା ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତିକୁ ତନ୍ନ ତନ୍ନ କରି ପରୀକ୍ଷାକରି ସେମାନେ ଏପରି ମତ ରଖିଛନ୍ତି । ସଦ୍ୟ ପ୍ରକାଶିତ ଗବେଷଣା ରିପୋର୍ଟରୁ ଜଣାପଡିଛି ଯେ, ପ୍ରତିଦିନ ମର୍ନିଂ ୱାକ୍ କଲେ ସ୍ନାୟୁ ଗୁଡିକ ଆହୁରି ସକ୍ରିୟ ରହିଥାଆନ୍ତି । କେବଳ ସେତିକି ନୁହେଁ, ଏହାଦ୍ୱାରା ଦୃଷ୍ଟି ଶକ୍ତି ମଧ ଆହୁରି ପ୍ରଖର ହୋଇଥାଏ । ତେବେ ଆପଣଙ୍କର ଯଦି ଦୃଷ୍ଟିଶକ୍ତି ଜନିତ କିଛି ସମସ୍ୟା ରହିଛି ପ୍ରଥମେ ତାହାର ଚିକିତ୍ସା କରାଇନେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି ।



## ଆପଣ ଜାଣନ୍ତି କି ?

- ବିଶ୍ୱରେ ପେଟ୍ରୋଲ ପରେ କଫି ହିଁ ସର୍ବାଧିକ କ୍ରୟ ବିକ୍ରୟ ହେଉଥିବା ସାମଗ୍ରୀ ।
- ଆମେ ପାନୀୟକୁ ଶୋଷି ଶୋଷି ପିଇବା ପାଇଁ ବ୍ୟବହୃତ ହେଉଥିବା 'ଷ୍ଟ୍ର'ର ଜନ୍ମ ୧୮୮୬ ରେ ହୋଇଥିଲା ।
- ଆୟାର୍ଲାଣ୍ଡରେ ଉତ୍ପାଦିତ ହେଉଥିବା ମୋଟ ବାର୍ଲି ମଧରୁ ଶତକଡ଼ା ୭୦ ପ୍ରତିଶତ ବାର୍ଲି ଗିନିସ୍ ବିଅର୍ ଉତ୍ପାଦନ ପାଇଁ ବ୍ୟବହାର କରାଯାଇଥାଏ ।
- ଜଣେ ସାଧାରଣ ଲୋକ ତା'ର ଜୀବନକାଳ ମଧରେ ପ୍ରାୟ ୧୦୦ ଟନ୍ ଖାଦ୍ୟ ଓ ୪୫, ୪୨୪ ଲିଟର ପାଣି ବ୍ୟବହାର କରିଥାଏ ।
- ଆଇସ୍‌ଲ୍ୟାଣ୍ଡରେ ଅନ୍ୟ ଦେଶ ଅପେକ୍ଷା ମୁଣ୍ଡପିଛା ଅଧିକ କୋକାକୋଲା ପାନ କରାଯାଇଥାଏ ।
- ମଣିଷ ଗୋଟିଏ ପାଦ ଉପରକୁ ଉଠାଇବା ସମୟରେ ତା' ଶରୀରର ୨୦୦ ମାଂସପେଶୀ ଗତିଶୀଳ ହୋଇଥାଏ ।
- ଆମ ଆଖିଖୋଳାର ଓଜନ ୨୮ ଗ୍ରାମ୍ ।
- ସାଧାରଣ ଲୋକଟିଏ କାଗଜ ଅପେକ୍ଷା କମ୍ପ୍ୟୁଟରରେ ପଢ଼ିବା ସମୟରେ ବେଗ ୨୫ ପ୍ରତିଶତ ମନ୍ଥର ହୋଇଥାଏ ।
- ମଣିଷ ଶରୀରର ଏବଂ କଦଳୀ ଭିତରେ ଥିବା ଡିଏନ୍‌ଏରେ ୫୦ ପ୍ରତିଶତ ସାମଞ୍ଜସ୍ୟ ରହିଥାଏ ।
- ନାକରେ ଆଘ୍ରାଣ ବାରିବାକୁ ଅଲ୍‌ଫାକ୍ସନ କୁହାଯାଏ ।
- ଜଣେ ମଣିଷ ତା' ଆଖିରେ ପାଖାପାଖି ୯୦ ପ୍ରତିଶତ ଘଟଣାକୁ ସଂରକ୍ଷିତ କରି ରଖିପାରେ ।
- ମଣିଷ ଶରୀରର ଡାହାଣପଟ ଫୁସ୍‌ଫୁସ୍ ବାମପଟଠାରୁ ବଡ଼ ।

# ହଳଦିର ହଜାରେ ଗୁଣ

**ଓ**ଜନ ହ୍ରାସ କରିବାଠୁ ଆରମ୍ଭ କରି ଶରୀରକୁ ସୁସ୍ଥ ରଖିବାରେ ହଳଦୀ ବହୁ ଉପକାରୀ । ପାଚୀନ କାଳରୁ ଔଷଧୀୟ ଗୁଣ ଯୋଗୁଁ ଏହାର ବ୍ୟବହାର କରାଯାଉଛି । ହଳଦୀରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଏହା ପେଟ ସମସ୍ୟା, ମେଟାବୋଲିକ୍ ଡିଜର୍ଡର, ମେଦବହୁଳତା ଓ ଅନ୍ୟ ସମସ୍ୟା ଦୂର କରିପାରେ । କ୍ଷୀରରେ ହଳଦୀ ମିଶାଇ ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଦରଜରୁ ଆରାମ ମିଳିଥାଏ । ସକାଳୁ ଉଷୁମ ପାଣିରେ ହଳଦୀ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ଦୂର



ହୋଇଥାଏ । ହଳଦୀ ସୁଗାର ସ୍ତର କମ୍ କରି ଇନସୁଲିନ ପ୍ରତିରୋଧ ରୋକିବା ଦ୍ୱାରା ଓଜନ କମିଥାଏ । ପ୍ରତ୍ୟେକଙ୍କ ଖାଦ୍ୟରେ ହଳଦୀ ସାମିଲ ହେବା ଉଚିତ । ଏହା ପେଟରେ ପାଚକ ରସ ପିତ୍ତ ଉତ୍ପାଦନ ବୃଦ୍ଧି କରିଥାଏ । ଆୟୁର୍ବେଦରେ ହଳଦୀକୁ ଦରଜ ନିବାରଣ ଔଷଧୀ ଭାବେ ବ୍ୟବହାର କରାଯାଏ । ହଳଦୀର ଆଣ୍ଟିବ୍ୟାକ୍ଟେରିଆ ଗୁଣ ମଧ ଅଛି ।

# ଔଷଧୀୟ ପଣସ ମଞ୍ଜି

**ପ**ଣସ ମଞ୍ଜି ଖୁବ୍ ସୁଆଦିଆ । ଅନେକ ପାଚିଲା ପଣସ ଖୋସାକୁ ଖାଇବା ପରେ ଭିତର ମଞ୍ଜିକୁ ଫିଙ୍ଗି ଦେଇଥାନ୍ତି । କିନ୍ତୁ ପଣସ ମଞ୍ଜିରେ କାର୍ବୋହାଇଡ୍ରେଟ୍, ଫାଇବର, ଭିଟାମିନ୍ ଏ'ସି', ବି', କ୍ୟାଲସିୟମ, ଜିଙ୍କ୍ ଓ ଫସ୍‌ଫରସ୍ ଭରି ରହିଛି । ଏହାର ମଞ୍ଜିକୁ ସିଝାଇ, ଭାଜି, ପୋଡ଼ି କରି ମଧ ଖିଆଯାଏ ।



ଓଜନ କମ୍ କରିବା ପାଇଁ ପଣସ ମଞ୍ଜି ଫଳପ୍ରଦ । ଏଥିରେ ଅଧିକ ମାତ୍ରାରେ ଫାଇବର ରହିଛି । ଏଣୁ କ୍ୟାଲୋରି ଓ ଓଜନ କମ କରିବା ପାଇଁ ଏହା ଉତ୍ତମ । ଏହା ସହିତ ବ୍ଲଡ କୋଲେଷ୍ଟ୍ରାଲର ସ୍ତରକୁ ମଧ ନିୟନ୍ତ୍ରଣରେ ରଖିଥାଏ । ଯଦ୍ୱାରା ହୃଦୟ ରୋଗ ଦେଖାଦେବାର ଆଶଙ୍କା କମ୍ ହୋଇଥାଏ ।

ଯଦି ଆପଣ ଏନର୍ଜି ଚାହୁଁଛନ୍ତି ତେବେ ପଣସ ମଞ୍ଜି ଖାଆନ୍ତୁ । କାହିଁକି ନା ପଣସ ମଞ୍ଜିରେ ଅଧିକ ମାତ୍ରାରେ ଷ୍ଟାର୍ଚ ରହିଛି । ଏକ ଗିନା ପଣସ ମଞ୍ଜି ଖାଇବା ଦ୍ୱାରା ସାରା ଦିନ ଶକ୍ତି ମିଳିଥାଏ ।

ପଣସ ମଞ୍ଜିରେ ଭିଟାମିନ୍ ଏ ଓ ସି' ରହିଛି । ଚକ୍ଷୁ ପାଇଁ ହିତକର ଏବଂ ପଣସ ମଞ୍ଜି କେଶର ଘନତ୍ୱକୁ ବଜାୟ ରଖିଥାଏ । ପଣସ ମଞ୍ଜି ଖାଇବାରେ ଶିରରେ ବ୍ଲଡ ସର୍କୁଲେଶନ ବଢ଼ିଥାଏ, ଫଳରେ କେଶ ଖୁବ୍ ଶୀଘ୍ର ବଢ଼ିଥାଏ ।

ପଣସ ମଞ୍ଜିରେ ପ୍ରଚୁର ପରିମାଣର ଆଇରନ ରହିଛି ଓ ଆଇରନ ଶରୀର ପାଇଁ ଖୁବ୍ ଜରୁରୀ । ଏହାକୁ ନିୟମିତ ଖାଇଲେ ରକ୍ତହୀନତା ଦେଖା ଦିଏ ନାହିଁ । ଏଥିରେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ ।

ଏଥିରେ ମାଙ୍ଗାନିକ ଓ ମାଗ୍ନେସିୟମ୍ ଭଳି ମିନେରାଲ ପ୍ରଚୁର ମାତ୍ରାରେ ରହିଛି । ମ୍ୟାଗ୍ନେସିୟମ ଶରୀରରେ କ୍ୟାଲସିୟମ୍ ଅବଶୋଷଣରେ ସହାୟତା କରିଥାଏ । ଅସ୍ଥିକୁ ମଜଭୁତ କରିଥାଏ ପଣସ ମଞ୍ଜି ।

ପଣସ ମଞ୍ଜିରେ ମାଇକ୍ରୋନ୍ୟୁଟି ଏଣ୍ଟ ଓ ପ୍ରୋଟିନ୍ ଥିବାରୁ ମାନସିକ ଚାପ ଦୂର କରିଥାଏ । ମାନସିକ ଚାପ ଦେଇ ଗତି କରୁଥିଲେ ପଣସ ମଞ୍ଜି ଖାଇଲେ ସମସ୍ୟାରୁ ମୁକ୍ତି ମିଳିଥାଏ ।

ପଣସ ମଞ୍ଜିରେ ଥିବା ଫାଇବର କୋଷ୍ଠକାଠିନ୍ୟକୁ ଦୂର କରେ । ଏଥିରେ ଥିବା ଫାଇବର ପାଚନତତ୍ତ୍ୱକୁ ଉତ୍ତମ ରଖେ । ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ରହିଥିବା ହେତୁ ପଣସ ମଞ୍ଜି ଶରୀରକୁ କ୍ୟାନସରରୁ ରକ୍ଷା କରିଥାଏ । ଡିଏନଏ କୋଷିକାକୁ କ୍ଷତିଗ୍ରସ୍ତ କରି ନ ଥାଏ ।

# କହିପାରିବେ କି ?

(୧) ପଞ୍ଚତନ୍ତ୍ରର ଲେଖକଙ୍କ ନାମ କ'ଣ ?

(୨) ସବୁଠାରୁ ହାଲ୍‌କା ଗ୍ୟାସ୍ କେଉଁଟି ?

(୩) ବିଜ୍ଞାନରେ କୀଟପତଙ୍ଗ ଆଧାରିତ ପାଠ୍ୟକ୍ରମକୁ କ'ଣ କୁହାଯାଏ ?

(୪) ଉତ୍ତର ଓ ଦକ୍ଷିଣ ମେରୁରେ ପହଞ୍ଚିଥିବା ପ୍ରଥମ ବ୍ୟକ୍ତି ?

(୫) କେଉଁ ଜାତିର ଡାଇନୋସର ପଞ୍ଝା ସବୁଠୁ ବଡ଼ ?

(୬) ସର୍ବାଧିକ କେତେ ସମୟ ପାଇଁ ସୂର୍ଯ୍ୟୋପରାଗ ହୋଇପାରେ ?

(୭) ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇଥିବା ପ୍ରଥମ ମହିଳା ରାଷ୍ଟ୍ରମୁଖ୍ୟ କିଏ ?

(୮) ସର୍ବାଧିକ ଲୋକ ବ୍ୟବହାର କରୁଥିବା ଭାଷା ?

(୯) ବିଶ୍ୱର ସର୍ବବୃହତ୍ ହ୍ରଦ ?

(୧୦) ମହାକାଶରେ ପହଞ୍ଚିଥିବା ପ୍ରଥମ ବ୍ୟକ୍ତି ?

## JUMBLE WORDS

| | | | |
|---|---|---|---|
| 1) EPPPRE | = | 6) WROFN | = |
| 2) SLUEST | = | 7) YEILSA | = |
| 3) CETEJ | = | 8) RREEGM | = |
| 4) RABEBR | = | 9) THAMC | = |
| 5) NOCEL | = | 10) PHEDT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୧ ଏପ୍ରିଲ, ୧୮୯୫, ୨. କୋଲକାତା, ୩. ଶିମ୍‌ଲା, ୪.ସେକସନ୍ (ଏଥିରେ ୧୦ ରୁ ୧୨ ସୈନ୍ୟ ରହିଥାନ୍ତି, ୫.ଜେନେରାଲ ବିପିନ୍ ରାୱତ୍, ୬.୧୫ ଅଗଷ୍ଟ, ୧୯୬୯, ୭.ବେଙ୍ଗାଲୁରୁ, ୮.ସମୁଦାୟ ୧୦୪ ଟି ସାଟେଲାଇଟ୍ , ୯.ଆର୍ଯ୍ୟଭଟ୍ଟ, ୧୦. Geosynchronous Satellite Launch Vehicle

***Jumble Words*** ର ଉତ୍ତର :-

(1) WOULD (2) BLUNT (3) APIECE (4) MOTIVE (5) HOARD (6) SNORT (7) KITTEN (8) SEQUEL (9) CEASE (10) EVENT

## ଗନ୍ଧମାର୍ଦ୍ଦନ ପର୍ବତରେ ବନସ୍ପତି ସର୍ଭେ ହେବ

ବରଗଡ଼: ବରଗଡ଼ ଜିଲ୍ଲା ପାଇକମାଳସ୍ଥିତ ବିଶ୍ୱପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ଉଦ୍ଭିଦ ଓ ଔଷଧୀୟ ବନସ୍ପତିଗୁଡ଼ିକର ପୁଣିଥରେ ସର୍ଭେ ହେବ ବୋଲି କେନ୍ଦ୍ର ଆୟୁଷ ବିଭାଗ ମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି ।

ଲୋକସଭାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆୟୁଷ ବିଭାଗ ମନ୍ତ୍ରୀ ପ୍ରତାପ ରାଓ ଗଣପତରାଓ ଯାଦବ କହିଛନ୍ତି ଯେ, ୨୦୦୯ରେ ଭାରତୀୟ ବନସ୍ପତି ସର୍ବେକ୍ଷଣ ସଂସ୍ଥା ଗନ୍ଧମାର୍ଦ୍ଦନ ପର୍ବତରେ ସର୍ଭେ କରିଥିଲା । ଏଥିରୁ ଜଣାପଡ଼ିଥିଲା ଯେ ଏହି ପର୍ବତରେ ୯୧୨ ପ୍ରଜାତିର ଉଦ୍ଭିଦ ରହିଥିବା ବେଳେ ଏଥିରୁ ୩୪୫ ପ୍ରଜାତିର ଔଷଧୀୟ ବୃକ୍ଷଲତା ରହିଛି । ତେବେ ଓଡ଼ିଶା ସରକାରଙ୍କ ରିପୋର୍ଟ ଅନୁସାରେ, ଏଠାରେ ରହିଛି ୨୨୦ ପ୍ରଜାତିର ଔଷଧୀୟ ବୃକ୍ଷ । ଏହି ପର୍ବତରେ ଆୟୁର୍ବେଦର ଭଣ୍ଡାର ରହିଥିବାରୁ ସେ ସମ୍ପର୍କରେ ଅଧିକ ତଥ୍ୟ ହାସଲ ତଥା ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅବଗତ ହେବାକୁ ପୁଣି ଥରେ ଏହାର ସର୍ଭେ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଲୋକସଭାରେ କହିଛନ୍ତି । ତେବେ ପାଇକମାଲ ଆୟୁର୍ବେଦ ମହା ବିଦ୍ୟାଳୟକୁ ହାତକୁ ନିଆଯିବାର କୌଣସି ପ୍ରସ୍ତାବ ଏବେ ଆୟୁଷ ମନ୍ତ୍ରଣାଳୟର ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି ।

ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ପ୍ରାୟ ଦୁଇ ହଜାର ପ୍ରଜାତିର ବୃକ୍ଷଲତା ରହିଛି । ସେହିପରି ଏଠାରେ ୨୨୨ ପ୍ରକାର ଦୁର୍ଲଭ ଔଷଧୀୟ ବୃକ୍ଷ ରହିଥିବା ତଥ୍ୟ ରହିଛି । ତେବେ ଓଡ଼ିଶାର ପୂର୍ବତନ ସରକାର ଏହି ପାହାଡ଼ରୁ ଖଣି ଖନନ ଲାଗି ପ୍ରୟାସ ଆରମ୍ଭ କରିଥିଲେ । ଯାହାକୁ ସେତେବେଳେ ସ୍ଥାନୀୟ ଲୋକ ପ୍ରବଳ ବିରୋଧ କରିଥିଲେ । ଫଳରେ ସରକାରଙ୍କୁ ଲୋକଙ୍କ ପ୍ରତିବାଦ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିଥିଲା । ଏବେ କେନ୍ଦ୍ର ସରକାର ଏହି ପାହାଡ଼ରେ ସର୍ଭେ କରିବା ସହ ପାଇକମାଳରେ ଥିବା ଆୟୁର୍ବେଦ ମହାବିଦ୍ୟାଳୟର ପରିଚାଳନା ଭାର ହାତକୁ ନେବା ପାଇଁ ସାଂସଦ ପ୍ରଦୀପ ପୁରୋହିତ ଦାବି କରିଥିଲେ ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ସମ୍ବଲପୁର: ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି, ସମ୍ବଲପୁର ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଘଟିଥିବା ଦୁର୍ଘଟଣା ସମ୍ପର୍କରେ ମିଳିତ ପ୍ରବର୍ତ୍ତନ ରିପୋର୍ଟ, ଜାତୀୟ ରାଜପଥ /ରାଜ୍ୟ ରାଜପଥର ନିର୍ମାଣ ଓ ମରାମତି, ନକ୍ସାପାଲିରୁ ସିନ୍ଦୁରପଙ୍କ ଅଞ୍ଚଳ, ପଡିଆବାହାଲରୁ ଗୋଶାଳା, ରେମେଡରୁ ଅଇଁଠାପାଲି ଛକ ଆଦି ଅଞ୍ଚଳ ରେ ଥିବା ରାସ୍ତା ଜନିତ ସମସ୍ୟା, ସର୍ଭିସ ରୋଡରେ ପାର୍କିଂ ସମସ୍ୟା, ବୁଲା ଗାଈ ସମସ୍ୟା, ଟ୍ରାଫିକ୍ ଲାଇଟ୍ ସମସ୍ୟା, ଗୁଡ୍ ସମରିଟାନ୍ ଆୱାର୍ଡ ବିଷୟରେ ଆଲୋଚନା କରାଯାଇଥିଲା ।

ଜିଲ୍ଲାପାଳ ସମ୍ବଲପୁର ସମସ୍ତ ସରକାରୀ ଅଧିକାରୀ, ବିଭିନ୍ନ ଶିକ୍ଷର ଅଧିକାରୀ, ନାଗରିକ ସମାଜର ଲୋକମାନଙ୍କୁ ସମସ୍ୟାର ବ୍ୟବହାରିକ ସମାଧାନ କରିବା, ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ କର୍ତ୍ତବ୍ୟ ପରିସର ବାହାରେ ଯିବା, ଏନଫୋର୍ସମେଣ୍ଟ ଟିମ କୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ଆରଟିଓ ଓ ପୁଲିସର ମିଳିତ ଭାବେ ଅଚାନକ ଯାଞ୍ଚ, ଦୁର୍ଘଟଣା ପ୍ରବଣ ଅଞ୍ଚଳ ନିକଟରେ ଏକ ସିଗ୍ନାଲ୍ ବୋର୍ଡ ଦେବା ସହ ଜାତୀୟ ଓ ରାଜ୍ୟ ରାଜପଥରେ ଥିବା ଗାତ ଗୁଡିକର ମରାମତି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅତିରିକ୍ତ ଏସ୍.ପି ଆଲବିନସ କେରକେଟା, ଆରଟିଓ ରାମଦାଶ ଟୁଡୁ ଓ ଅତିରିକ୍ତ ଆରଟିଓ କାହ୍ନୁଚରଣ ବଅଁର ପ୍ରମୁଖ ଉପସ୍ଥିତ ଥିଲେ ।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ 'ସମ୍ବଲପୁରୀ ଦିନ୍' ପାଳିତ

ସମ୍ବଲପୁର: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ 'ସମ୍ବଲପୁରୀ ଦିନ୍' ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅନୁଷ୍ଠାନର କୁଳପତି ପ୍ରଫେସର ଏନ୍. ନାଗାରାଜୁ ମା ସମଲେଇଙ୍କ ପାଖରେ ଦୀପଦାନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶ୍ରୀ ବୃନ୍ଦାବନ ମେହେର, ଶ୍ରୀମତୀ ପଦ୍ମିନୀ ଦୋରା ଏବଂ ତୁଲାରାମ୍ କଲେତ୍ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଡକ୍ଟର ସଂଯୁକ୍ତା ପାଢ଼ୀ ସଂଯୋଜନା କରିଥିବା ବେଳେ ଡକ୍ଟର ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କମିଟିର ଅନ୍ୟାନ୍ୟ କର୍ମକର୍ତ୍ତା ଗଣ ଡକ୍ଟର ସାଲ ବେସ୍ରା, ଡକ୍ଟର ରୋଜାଲିନ୍ ରାଉତ, ଡକ୍ଟର ସନ୍ତୋଷ କୁମାର ମଲ୍ଲିକ ଏବଂ ଶ୍ରୀ ବିଶ୍ୱଜ୍ୟୋତି ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସଭାରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ସନତ୍ କୁମାର ନାଏକ, ସ୍ନାତକୋତ୍ତର ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ, ଉପ କୁଳସଚିବ ଡକ୍ଟର ଉମାଚରଣ ପତି, ବିତ୍ତ ଅଧିକାରୀ ଶ୍ରୀ ଜଗନ୍ନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ସିର୍ଜିନା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳିତ

ପଦ୍ମପୁର: ପଦ୍ମପୁର ରାଜାଜୀ ଟାଉନ ହଲଠାରେ ସିର୍ଜିନା ସାହିତ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି । ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ରାଜୁ ଘିବେଲା, ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ଡକ୍ଟର ପ୍ରମୋଦ ପାଢ଼ୀ, ନାଟ୍ୟକାର ଅଶୋକ ବହିଦାର, କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ, ବିଭୁତି ପଟ୍ଟନାୟକ, ଅକ୍ଷୟ ପଣ୍ଡା, ସନ୍ତୋଷ ସିଂ ଠାକୁର, ସୁଶାନ୍ତ ମିଶ୍ର, କବି ଅଧିକାରୀ ସା, ରମଣିରଞ୍ଜନ ବିଶ୍ୱାଲ, ଭୀଷ୍ମଦେବ ସାହୁ, ଅବନିକାନ୍ତ ସାହୁ, ଆଖଣ୍ଡଳ ଦାସ, ନରୋତ୍ତମ ଦାସ, ଯୁବ କବି ପୌଲସ୍ତି ସାହା, ଗାଳ୍ପିକା ସୁଶ୍ରୀ ଜିତେଶରୀ ଦାସ ଓ ପ୍ରଭାତ ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ସଙ୍ଗୀତ ପରିବେଷଣ ସହ କବିତା ପାଠ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭୂତି ପଟ୍ଟନାୟକ ଓ ଦୁଃଖୀଶ୍ୟାମ ତ୍ରିପାଠୀଙ୍କ କଣ୍ଠ ସଙ୍ଗୀତ, ଶିଶୁ କଳାକାରଙ୍କର ନୃତ୍ୟ ପରିବେଷିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯିବା ସଙ୍ଗେ ସଙ୍ଗେ 'ସିର୍ଜନା ବିଶେଷାଙ୍କ' ଉନ୍ମୋଚିତ ହୋଇଥିଲା । ରାଜେନ୍ଦ୍ର ମହାନ୍ତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ପାହା ଚିହ୍ନା ସିର୍ଜନାର କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ଆଦିତ୍ୟ ରଥ, ଶେଷଦେବ ମେହେର, ପ୍ରମୋଦ ନାଥ, ରମେଶ ଗୁର୍ଲା, ସୁରେନ୍ଦ୍ର ସାହୁ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଏସଏମସି ୨ କାରଖାନା ରେ ଅଘଟଣ, ଠିକା ଶ୍ରମିକ ଜୀବନ୍ତ ଦଗ୍ଧ

ଝାରସୁଗୁଡ଼ା: ସହର ଉପଖଣ୍ଡ ବଡ଼ମାଳ ସ୍ଥିତ ଏସଏମସି ୨ କାରଖାନା ରେ ଅଘଟଣ ଘଟି ଜଣେ ଠିକା ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଛି । ମୃତ ଠିକା ଶ୍ରମିକ ଜଣକ ବିହାର ରାଜ୍ୟର ଦେବ ନାରାୟଣ ମହତୋ (୩୬) ବୋଲି ଜଣାପଡିଛି । ସେ ଚୌଧିରି ଏଣ୍ଟର ପ୍ରାଇଜେଶ ନାମକ ଠିକା ସଂସ୍ଥା ରେ ପ୍ରଥମ ହେଣ୍ଡ ଭାବେ କାର୍ଯ୍ୟ କରୁଥିଲେ । ପ୍ରତିଦିନ ଭଳି ମୃତ ଶ୍ରମିକ ଜଣକ ସକାଳୁ କାରଖାନା ର ଫରନେସ ରେ କାର୍ଯ୍ୟ କରୁଥିବା ବେଳେ କୌଣସି କାରଣ ରୁ ତାଙ୍କ ଗୋଡ ଖସି ପଡ଼ିବାରୁ ସେ ସେଠାରେ ଥିବା ଲୌହ ପିଣ୍ଡୁଳାରେ ପଡ଼ି ଗୁରୁତର ଭାବେ ଆହତ ହୋଇ ଜୀବନ୍ତ ଦଗ୍ଧ ହୋଇଥିଲେ । ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରା ଯାଇଥିଲା ଓ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଯୋଗ୍ୟ ଯେ, କାରଖାନା ରେ କାର୍ଯ୍ୟରତ ଶ୍ରମିକ ଙ୍କୁ କାରଖାନା କର୍ତ୍ତୃପକ୍ଷ ଆବଶ୍ୟକ ସୁରକ୍ଷା ପାଇଁ ପଦକ୍ଷେପ ନେଉ ନ ଥିବା ନେଇ ଶ୍ରମିକ ମହଲ ରେ ଅଭିଯୋଗ କରିଛନ୍ତି । କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ନେଇ ବାରମ୍ବାର ବିଭାଗ ପକ୍ଷରୁ ତାଗିଦ୍ ସତ୍ତ୍ୱେ କାରଖାନା କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ସେଠାରେ କାର୍ଯ୍ୟରତ ଶ୍ରମିକ ମାନେ ଅଭିଯୋଗ କରିଛନ୍ତି ।

## ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଆଲୋକମୟୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଝାରସୁଗୁଡ଼ା ଶ୍ରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସୁନନ୍ଦ ମହାରଣା, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଶ୍ରୀମତୀ ସସ୍ମିତା ବିଶ୍ୱାଳ, ଉପଖଣ୍ଡ ସମାଜ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା, ମୁଖ୍ୟ ଆଇନ୍ ସହାୟତା ପ୍ରତିରକ୍ଷା ଓକିଲ ଶ୍ରୀମତୀ ସାଜଦା ବେଗମ ଏବଂ ରାଜପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସରସ୍ୱତୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ ।

## ଜେଏସଡବ୍ଲ୍ୟୁ ବିପିଏସଏଲ୍ ପକ୍ଷରୁ ଆନ୍ତଃବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର: ଠେଲକୋଲୋଇ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସଏଲ ପକ୍ଷରୁ ଆନ୍ତଃବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଜେଏସଡବ୍ଲ୍ୟୁ ବିପିଏସଏଲ ସଭାପତି ଅନୀଲ କୁମାର ସିଂ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲ୍ୟୁ ରାୟଗଡ ବନାମ ଜେଏସଡବ୍ଲ୍ୟୁ ପାରାଦୀପ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । କାରଖାନାର ସିଓଓ ଉମେଶ ରାୟ, ସିନିୟର ଭାଇସ୍ ପ୍ରେସିଡେଣ୍ଟ ପ୍ରକାଶ ସପା, ଗିରିଶ ନାୟକ, ମାନବ ସମ୍ବଳ ମୁଖ୍ୟ ଜେ.ପି ସିଂ, ଭାଇସ୍ ପ୍ରେସିଡେଣ୍ଟ ବିକାଶ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ନାମେଣ୍ଟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ନୂଆଦିଲ୍ଲୀରେ ସମ୍ବଲପୁରୀ ଦିନ୍ ପାଳିତ

ନୂଆଦିଲ୍ଲୀ: ହାଉଜ୍ ଖାସ୍ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୱେଷ୍ଟର୍ନ ଓଡ଼ିଶା ଷ୍ଟୁଡେଣ୍ଟ୍ ଫୋରମ୍ ତରଫରୁ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି । ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ଅବସରପ୍ରାପ୍ତ ପ୍ରଫେସର୍ ହିମାଦ୍ରି ବହିଦାର ଏଥିରେ ଯୋଗଦେଇ କବିଙ୍କ ଜୀବନୀ ଓ ସାରସ୍ୱତ କୃତୀ ଉପରେ ଆଲୋକପାତ କରି ପଶ୍ଚିମ ଓଡ଼ିଶାର ସାସ୍କୃତିକ ଭାବଧାରା ବିଶ୍ୱବିଦିତ ବୋଲି ଉଧବୋଧନ ଦେଇଥିଲେ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରି କବିଙ୍କ ସମ୍ବଲପୁରୀ ଭାଷା, ବ୍ୟାକରଣ ଓ ସଂସ୍କୃତି ପ୍ରତି ଯୋଗଦାନ ବିଷୟରେ ଆଲୋଚନା କରିଥିଲେ । ସାଂସ୍କୃତିକ ଚେତନାରେ ଯୁବଗୋଷ୍ଠୀଙ୍କୁ ପ୍ରେରିତ କରିବା ପାଇଁ ଜାତୀୟ ପୁରସ୍କାପ୍ରାପ୍ତ ସମ୍ବଲପୁରୀ ଚଳଚ୍ଚିତ୍ର ଆଦିମ ବିଚାର ପ୍ରଦର୍ଶିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ୱାର୍ଲ୍ଡ ଫୋକସର କାର୍ଯ୍ୟକାରୀ ସମ୍ପାଦକ ଡକ୍ଟର ଭବାନୀ ଦୀକ୍ଷିତ, ସର୍ବୋଚ୍ଚ ନ୍ୟାୟଳୟର ବରିଷ୍ଠ ଅଧିବକ୍ତାଙ୍କ ମଧ୍ୟରୁ ଡକ୍ଟର କେଦାରନାଥ ତ୍ରିପାଠୀ, ସୋମନାଥ ପଧାନ, ଅବନିକାନ୍ତ ସାହୁ, ମାନସ ରଞ୍ଜନ ପାଢ଼ୀ, ଜ୍ଞାନଦତ୍ତ ଚୌହାନ, ଜୁହାର ପରିବାରର ବରିଷ୍ଠ ସଦସ୍ୟ ଗଜେନ୍ଦ୍ର ସାହୁ, ବିଜୁ ନାଏକ, ମାନସ ରଞ୍ଜନ ମିଶ୍ର, ସତ୍ୟନାରାୟଣ ପ୍ରଧାନ, ନୀଳାଚଳ ସେବା ସସ୍ଥାନର ସମ୍ପାଦକ ରବି ପ୍ରଧାନ ଯୋଗ ଦେଇଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁଜିତ ଲୁହା, ଗଣେଶ ଗାଇଗୌରିଆ, ପଦ୍ମଲୋଚନ ପ୍ରଧାନ, ଆଦିତ୍ୟ ତ୍ରିପାଠୀ, ଜୟଶ୍ରୀ, କ୍ରିତୀକା, ଜ୍ୟୋତିର୍ମୟୀ ବେହେରା, ପପୁନ୍ ସାହୁ, ସମ୍ମୋହନ ପତି, ସୃତି, ମମଳୀ, ନିହାରିକା, ରୁବି ପ୍ରମୁଖ ସହଯୋଗ କରିଥିଲେ । ସମ୍ବଲପୁରୀ ନାଚ, ଗୀତ ଓ ଅଞ୍ଚଳର ବ୍ୟଞ୍ଜନ ଯଥା ଆରିସା ଓ ଲେଥା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତି ହୋଇ ସମସ୍ତ ଅତିଥି ଓ ଅଭ୍ୟାଗତ ମାନଙ୍କୁ ପରସା ଯାଇଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଡକ୍ଟର ସର୍ବେଶ୍ୱର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ନିଷ୍ଠା ପରିବାର ପକ୍ଷରୁ ୪୦ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ: ସମ୍ବଲପୁରୀ ଦିନ ଅବସରରେ ବରଗଡ଼ର 'ନିଷ୍ଠା ପରିବାର' ପକ୍ଷରୁ ରକ୍ତ ଭଣ୍ଡାର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଓ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିରୁପମା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ନିଷ୍ଠା ପରିବାରର ଉପଦେଷ୍ଟା ଜିତୁ ମହାପାତ୍ର, ମଦନ ମୋହନ ଦାଶ, ଅଶ୍ୱିନୀ ତ୍ରିପାଠୀ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଚିତ୍ର ପଧାନ, ଲବ ସାହୁ, ମହିଳା ଶାଖାର ମୁଖ୍ୟ ତ୍ରିପୁରା ସୁହୁଲା, ସୁତପା ଗଡ଼ତୀଆ, ପ୍ରାଚୀ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# କୋଇଲା ଉତ୍ପାଦନ ଓ ଯୋଗାଣରେ ଅଭିବୃଦ୍ଧି ପାଇଁ ଏମ୍‌ସିଏଲ୍‌କୁ ମନ୍ତ୍ରୀଙ୍କ ପ୍ରଶଂସା







ବୁର୍ଲା : ନିକଟରେ ସମ୍ବଲପୁର ଗସ୍ତରେ ଆସିଥିବା କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତିଶ ଚନ୍ଦ୍ର ଦୁବେ ଏମସିଏଲର କୋଇଲା ଉତ୍ପାଦନ ଏବଂ ଯୋଗାଣରେ ଅଭିବୃଦ୍ଧି ପାଇଁ ପ୍ରଶଂସା କରିଛନ୍ତି। ଜାଗୃତି ବିହାର ଠାରେ ଏମସିଏଲର କାର୍ଯ୍ୟକଳାପର ସମୀକ୍ଷା କରି ଶ୍ରୀ ଦୁବେ ଏହି ମତ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀଙ୍କ ଉପସ୍ଥିତିରେ ଏମସିଏଲ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଡିଜିଟାଲ କ୍ଲାସରୁମ ପରିଯୋଜନା ପାଇଁ ଚାରିଗୋଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତିନାମା ଅନୁସାରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଏମସିଏଲର ସିଏସଆର୍ ପାଣ୍ଠିରୁ ୧୭ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୫୦୦ ଟି ସ୍ମାର୍ଟ କ୍ଲାସରୁମ୍ ଏବଂ ସାଇନ୍ସ ଷ୍ଟେମ୍ ସଲ୍ୟୁସନ୍ ପାଇଁ ଝାରସୁଗୁଡ଼ା ଜିଲ୍ଲାର ୩୦ଟି ସ୍କୁଲ ଖୋଲାଯିବା ପାଇଁ ଖର୍ଚ୍ଚ କରାଯିବ। ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ଦୁବେ କୋଇଲା ଉତ୍ପାଦନ ଏବଂ ସାମଗ୍ରିକ ବିକାଶ ପାଇଁ ଏମସିଏଲର ନିରନ୍ତର ପ୍ରୟାସର ପ୍ରଶଂସା କରିଥିଲେ। ସେ ଖେଳର ଏବଂ ଗୋଟିଏ ଆଦର୍ଶ ଗ୍ରାମ ବିକଶିତ କରିବା ପାଇଁ ସିଏସଆର ପାଣ୍ଠିରୁ ଖର୍ଚ୍ଚ କରିବା ପାଇଁ ଏମସିଏଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦୁବେ 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନରେ କର୍ପୋରେଟ୍ କାର୍ଯ୍ୟାଳୟରେ ବୃକ୍ଷରୋପଣ କରିଥିଲେ। ଏହାଛଡ଼ା ମନ୍ତ୍ରୀ ଏମସିଏଲର ଲଖନପୁର କ୍ଷେତ୍ର ପରିଦର୍ଶନରେ ଯାଇଥିଲେ।

ପୂର୍ବଦିନ ମନ୍ତ୍ରୀ ଶ୍ରୀ ଦୁବେ ଏମ୍‌ସିଏଲ୍‌ର ମୁଖ୍ୟାଳୟରେ ପହଞ୍ଚିବା ପରେ ସୁରକ୍ଷାସେବା ପକ୍ଷରୁ ଔପଚାରିକ ଗାର୍ଡ ଅଫ୍ ଅନର ଦିଆ ଯାଇଥିଲା। ଏମସିଏଲର ସିଏମ୍‌ଡି ଉଦୟ ଅନନ୍ତ କାଓଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, ବୈଷୟିକ ନିର୍ଦ୍ଦେଶକ ଜେ.କେ. ବୋରା ଓ ଏ.ଏସ୍ ବାପଟ ପ୍ରମୁଖ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ମନ୍ତ୍ରୀ ଶ୍ରୀ ଦୁବେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥାପନ ହୋଇଥିବା ବଜେଟ୍ ସମ୍ବଲପୁର ସମେତ ସମଗ୍ର ପୂର୍ବୋଦୟରେ ବିକାଶର ନୂତନ ସୂର୍ଯ୍ୟୋଦୟ ଆଣିବ। କଳା, ସଂସ୍କୃତିର ସହର ସମ୍ବଲପୁର ସମେତ ଓଡ଼ିଶାରେ ଆର୍ଥିକ, ଉଦ୍ୟୋଗିକ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ହେବ। ଶ୍ରୀ ଦୁବେ କେନ୍ଦ୍ରୀୟ ବଜେଟ୍ ଉପରେ ବିସ୍ତୃତ ଅବଗତ କରାଇବା ସହ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ଲକ୍ଷ୍ୟରେ ବଜେଟ୍ ଉପସ୍ଥାପିତ କରାଇଯାଇଛି ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶାର ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲ ଉପସ୍ଥିତ ଥିଲେ।

ଏହାଛଡ଼ା ମନ୍ତ୍ରୀ ଶ୍ରୀ ଦୁବେ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ନିକଟରେ ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ।







# ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବଲପୁରୀ ଦିନ



ସମ୍ବଲପୁର : ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କରେ ସମ୍ବଲପୁରୀ ଭାଷାରେ ପ୍ରାଥମିକ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରିବା, ସମ୍ବଲପୁରୀ ଭାଷା ସାହିତ୍ୟ ପାଇଁ ଏକାଡେମୀ ସ୍ଥାପନ ଏବଂ କବି ଲେଖକଙ୍କ ପାଇଁ ପୁରସ୍କାର ସମ୍ବର୍ଦ୍ଧନା ଆଦି ଦିଆଗଲେ ତାହା ସମ୍ବଲପୁରୀ ଭାଷା ପାଇଁ ଓ ସତ୍ୟନାରାୟଣ ବହିଦାରଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସମ୍ବଲପୁର ସାଂସ୍କୃତିକ୍ ପରିଷଦ ଓ ଚିନ୍ମୟ ସାହିତ୍ୟ ସଂସଦ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯିବା ପାଇଁ ସମ୍ବଲପୁରୀ ଦିନ୍‌ରେ ଏହି ନିଷ୍ପତ୍ତି ହୋଇଛି।

ଉଭୟ ଅନୁଷ୍ଠାନ ପକ୍ଷରୁ ଭାରତୀ ସେଠଙ୍କ ଆବାହକତ୍ୱ ଓ ଡକ୍ଟର ସପନ ମିଶ୍ରଙ୍କ ସଂଯୋଜନାରେ ପାଳିତ ହୋଇଥିବା ସମ୍ବଲପୁରୀ ଦିନ୍ ଅବସରରେ ଅଧାପିକା ଡକ୍ଟର ବୀଣାପାଣି ପ୍ରଧାନ ଓ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ କବି ସତ୍ୟନାରାୟଣଙ୍କ କାବ୍ୟ ମାନସ ସଂପର୍କରେ ବିଷଦ ଆଲୋଚନା କରିଥିଲେ। ୫୦ ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ। ଏହି ଅବସରରେ ଯୋଗାଚାର୍ଯ୍ୟ ଡକ୍ଟର ଜୟଦେବ ଡନ୍‌ସନା ଓ ଡକ୍ଟର ବୀଣାପାଣି ପ୍ରଧାନଙ୍କୁ 'ସତ୍ୟନାରାୟଣ ଭାଷା-ସାହିତ୍ୟ-ଅସ୍ମିତା ସମ୍ମାନ୍' ଏବଂ ସଂଗୀତ ବିଶାରଦ ମୋତିଲାଲ ଦୋରା ଓ ସଂଗୀତଜ୍ଞ ମୋହନ ସେଠଙ୍କୁ 'ଭବାନୀ ଶଙ୍କର ଭାଷା-ସାହିତ୍ୟ-ଅସ୍ମିତା ସମ୍ମାନ୍' ପ୍ରଦାନ କରାଯାଇଥିଲା। ବର୍ଷିଆନ୍ ଚିତ୍ରକର ଭୋଳାନାଥ ନାୟକ ଓ ଅନ୍ୟମାନେ କବିଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ କବିଙ୍କର 'ସମ୍ବଲପୁରର ମାଟିପାନି ଝରସି ହୀରା ନିଳା' ସଂଗୀତ ପରିବେଷଣ କରାଯାଇଥିଲା। ସାହିତ୍ୟ ସଭାରେ ସଂଗୀତଜ୍ଞ ମୋତିଲାଲ ଦୋରାଙ୍କ 'ସୁରେ ତାଲେ' ପୁସ୍ତକ ଏବଂ କବୟିତ୍ରୀ ପଙ୍କଜିନୀ ନାୟକଙ୍କ ସମ୍ବଲପୁରୀ ଅକ୍ଷର ଜ୍ଞାନ ଶିକ୍ଷା ପୁସ୍ତକ 'ଚଉଭାଷୀ' ଲୋକାର୍ପିତ ହୋଇଥିଲା। ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଦାନନ୍ଦ ପଣ୍ଡା ଓ ଭାରତୀ ପଣ୍ଡା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ନମିତା ବଡ଼ପଣ୍ଡାଙ୍କ ସୋଲୋ ଆର୍ଟ ପ୍ରଦର୍ଶନୀ



ସମ୍ବଲପୁର : ବଡ଼ବଜାର ସ୍ଥିତ ଓଡ଼ିଶା 'ଲଳିତ କଳା ଏକାଡେମି ରିଜନାଲ ଆର୍ଟ ଗ୍ୟାଲେରୀ ଠାରେ ଆର୍ଟିଷ୍ଟ ଡକ୍ଟର ନମିତା ବଡ଼ପଣ୍ଡାଙ୍କ ଏକ ସୋଲୋ ଆର୍ଟ ପ୍ରଦର୍ଶନୀ ହୋଇ ଯାଇଛି। ଏହି ପ୍ରଦର୍ଶନୀକୁ ଭୋଲାନାଥ ନାଏକ, ସତ୍ୟନାରାୟଣ ପଣ୍ଡା, ଡକ୍ଟର ପ୍ରମୋଦ ରଥ, ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ, ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ରତନ ଶର୍ମା, ପ୍ରଶାନ୍ତ ପ୍ରଧାନ, ସନ୍ତୋଷ ପୃସେଠ୍, ବିଦ୍ୟାପତି ପ୍ରଧାନ, ଦ୍ୱୈତିକ ବାରିକ, ତ୍ରିଲୋଚନ ବେହେରା ପରିଚାଳନା କରିଥିଲେ। ଶେଷରେ ଶ୍ରୀ ଜୟରାମ ବଦିଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଉଜ୍ଜ୍ୱଳ ଝାରସୁଗୁଡ଼ା- ଏମ୍‌ସିଏଲ୍ କି ଏକ୍ ପହଲ' ଉଦ୍‌ଘାଟିତ






ଝାରସୁଗୁଡ଼ା : 'ଉଜ୍ଜ୍ୱଳ ଝାରସୁଗୁଡ଼ା - ଏମସିଏଲ୍ କି ଏକ୍ ପହଲ' କାର୍ଯ୍ୟକ୍ରମ ଏମସିଏଲ୍ ଶୁଭାରମ୍ଭ କରିଛି। ୟୁପିଏସସି, ଓପିଏସସି, ବ୍ୟାଙ୍କିଙ୍ଗ୍ ଏବଂ ଅନ୍ୟ କମ୍ପିଟିଟିଭ୍ ପରୀକ୍ଷା ପାଇଁ ୧୦୦ ଜଣ ଛାତ୍ରଛାତ୍ରୀ ଏହି ଯୋଜନା ଅଧିନରେ ଖୋଲା ଯାଇଥିବା କୋଚିଙ୍ଗ୍ ସେଣ୍ଟରରେ ମାଗଣାରେ କୋଚିଙ୍ଗ୍ ନେବେ। ଏହି କୋଚିଙ୍ଗ୍ ସେଣ୍ଟର ବ୍ରଜରାଜନଗର କଲେଜ ଏବଂ ଝାରସୁଗୁଡ଼ାର ଲକ୍ଷ୍ମୀନାରାୟଣ କଲେଜରେ ଖୋଲାଯାଇଛି। ଏ ଅବସରରେ ବ୍ରଜରାଜନଗର କଲେଜରେ ଅଧକ୍ଷ ସମୀର ରଞ୍ଜନ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଏମସିଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀମତୀ ଅବୋଲି ଏସ୍. ନରୱାଣେ, ଏସ୍.ପି ପରମାର୍ ସ୍ମିଥ୍ ପୁରୁଷୋତ୍ତମ ଦାଶ, କୋଚିଂ ସେଣ୍ଟର୍‌ର ସ୍ଥାନୀୟ ଦାୟିତ୍ୱରେ ଥିବା ରାଜସ୍ଥାନ କୋଟା ସ୍ଥିତ କ୍ୟାରିଅର୍ ପଏଣ୍ଟର ମୁଖ୍ୟ ମଣି ଶଙ୍କର ଠାକୁର, ଏମ୍‌ସିଏଲ୍ ଜିଏମ୍ ସିଏସ୍‌ଆର୍ ସଞ୍ଜୟ କୁମାର ସିହ୍ନା ଏବଂ ଏମ.ସି.ଏଲ୍‌ର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra